**ଦୀନ ଦୟାଲ ସ୍ପର୍ଶ ଛାତ୍ରବୃତ୍ତି ପରୀକ୍ଷା**

କେନ୍ଦୁଝର,୨୫।୯(ଦୀପକ ମିଶ୍ର): କେନ୍ଦୁଝର ଡାକମଣ୍ଡଳ ପକ୍ଷରୁ ଦୀନ ଦୟାଲ ସ୍ପର୍ଶ ଛାତ୍ରବୃତ୍ତି ପରୀକ୍ଷା (ପ୍ରଥମ ସ୍ତର) ୨୦୨୩-୨୪ କେନ୍ଦୁଝର ମାଇନିଂ ରୋଡ୍‌ସ୍ଥିତ ଶ୍ରୀ ଅରବିନ୍ଦ ଶିକ୍ଷା ଅନୁଷ୍ଠାନରେ ରବିବାର କରଯାଇଥିଲା। ଜିଲାର ବିଭିନ୍ନ ବିଦ୍ୟାଳୟଗୁଡ଼ିକର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଥମସ୍ତର ପରୀକ୍ଷାରେ ସଫଳ ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟଥର ପାଇଁ ଯେକୌଣସି ଗୋଟିଏ ଡାକ ଟିକଟ ଉପରେ ପ୍ରକଳ୍ପ ତିଆରି କରିବାକୁ ହେବ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ତିଆରି କରାଯାଇଥିବା ପ୍ରକଳ୍ପଟିକୁ ଓଡ଼ିଶା ମୁଖ୍ୟ ମହାଡ଼ାକପାଳଙ୍କ ନିକଟକୁ ପ୍ରେରଣ କରାଯିବ।



## ସଂକ୍ଷେପରେ

### ୬ ଫୁଟର ଅଜଗର ଉଦ୍ଧାର



ଉଦଳା,୨୫।୯(ସନ୍ତୋଷ କୁମାର ବାଛିନୀ)- ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ ନୟାରଙ୍ଗାମାଟିଆ ଗ୍ରାମରୁ ଏକ ୬ ଫୁଟର ଅଜଗର ସାପ ଉଦ୍ଧାର ହୋଇଛି। ଗ୍ରାମର ଆଶାରାମ ବିନ୍ଧାଣୀଙ୍କ ଘର ବାଡ଼ିରେ ଥିବା ଏକ ଜାଲରେ ଅଜଗର ଛନ୍ଦି ହୋଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ସ୍ନେକ୍ ଲାଇଫ୍ ଲାଇନ୍ ସଦସ୍ୟ ଅଭିଜିତ ବେହେରା ଓ ଅଭିନନ୍ଦନ ଦଣ୍ଡପାଟ ପହଞ୍ଚି ସାପକୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରି ଶିମିଳିପାଳ ଅଭୟାରଣ୍ୟରେ ଛାଡ଼ି ଦେଇଥିବା ସୂଚନା ମିଳିଛି।

### ପ୍ରାଚୀର ସାହିତ୍ୟ ପତ୍ରିକା 'ସହୋଦର' ଲୋକାର୍ପିତ

ଭଦ୍ରକ,୨୫।୯(ସନାତନ ରାଉତ)- ଭଦ୍ରକସହର ନୂଆବଜାର ମୁଖ୍ୟ ଡାକଘର ଛକଠାରେ ଋତୁରାଜ ଟି ଷ୍ଟଲ ପ୍ରାଚୀରରେ ପ୍ରାଚୀର ସାହିତ୍ୟ ପତ୍ରିକା 'ସହୋଦର'ର ୮ମ ସଂସ୍କରଣ ଲୋକାର୍ପିତ ହୋଇଯାଇଛି। ତ୍ୟାଗଭୂମିର ସଭାପତି ଅଜୟ ନାୟକ ଏହାକୁ ଲୋକାର୍ପଣ କରି ପ୍ରାଚୀର ସାହିତ୍ୟ ମୁକ୍ତ ସାହିତ୍ୟ, ଏହା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଚର୍ଚ୍ଚିକା ମହାପାତ୍ର, ଡ. ପ୍ରଭାତ ନଳିନୀ ମହାପାତ୍ର, ରତିକାନ୍ତ ବେହେରା ଓ ଶରତ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ପାଦିକା ସୁଜାତା ରାଉତ, ପ୍ରକାଶକ ଅଶୋକ କୁମାର ନାୟକ, ସହସମ୍ପାଦକ ଋତୁରାଜ ଅକ୍ଷୟ, କଳା ସମ୍ପାଦକ ଚୂଡ଼ାମଣି ଦାସ ଓ ସୃଜନୀ ସମ୍ପାଦକ କିଶୋର ପାଣିଗ୍ରାହୀ ପରିଚାଳନା କରିଥିଲେ। ଦୀପ୍ତିମୟୀ ସାହୁ, ଦମୟନ୍ତୀ ରାଉତ, ପ୍ରୀତିଲତା ପଣ୍ଡା, ଲିପ୍ସା ସାହୁ, ସସ୍ମିତା ସାହୁ, ଦ୍ୱିତୀକୃଷ୍ଣା ରାଉତ, ରୂପକ ବିହାରୀ ରାୟ, ସୁଧାକର ରାଉତ, ବିଜୟ ଜେନା, ଗୌରାଙ୍ଗ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ କୁମାର ବହଳୀ ଅତିଥି ଆମନ୍ତ୍ରଣ କରିଥିବା ବେଳେ ଗୀତାରାଣୀ ଆଇଚ ଧନ୍ୟବାଦ ଦେଇଥିଲେ।

### ଖୁଣ୍ଟା ଡିଗ୍ରୀ କଲେଜରେ ଏନ୍‌ଏସ୍‌ଏସ୍ ଦିବସ

ଖୁଣ୍ଟା,୨୫।୯(ଦେବରଞ୍ଜନ ବେହେରା)- ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ରବିବାର ଜାତୀୟ ସେବା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜାତୀୟ ସେବା ଯୋଜନାର ଅଧିକାରୀ ତପନ କୁମାର ବାରିକ, ଅଧ୍ୟାପିକା ଗୋପା ସିଂ ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ଉଦ୍ଦେଶ ସମ୍ପର୍କରେ ସୁଚାଇ ଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ଉଦଳା ବ୍ଲଡ ବ୍ୟାଙ୍କ ସହାୟତାରେ ଡା.ସିଦ୍ଧାର୍ଥ ସାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିରରୁ ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସେହିପରି ମହାବିଦ୍ୟାଳୟ ପକ୍ଷରୁ ପୋଷ୍ୟଗ୍ରାମରେ ଚାରାରୋପଣ କରାଯାଇଥିଲା।

### ଜାତୀୟ ରାଜପଥରେ ଲୁଟ୍ କରୁଥିବା ୩ ଯୁବକ ଗିରଫ

ବାହାନଗା, ୨୫।୯(ଅରୂପ କୁମାର ଦାସ)-୧୬ ନମ୍ବର ଜାତୀୟ ରାଜପଥ ଗୌଡୁଣୀ ପୋଖରୀ ନିକଟରେ ଏକ ମାଲ ବୋଝେଇ ଟ୍ରକ୍‌କୁ ଅଟକାଇ ଲୁଟ୍ କରୁଥିବା ୩ ଯୁବକଙ୍କୁ ଖନ୍ତାପଡା ଥାନା ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ଟଙ୍କା, ଏକ ମୋବାଇଲ ଫୋନ, ବାଇକ୍ ଓ ଲୁହା ରଡ ଜବତ କରାଯାଇଛି। ଏନେଇ ଖନ୍ତାପଡା ଥାନାରେ ଏକ ମାମଲା(ନଂ. ୨୦୯/୨୩) ରୁଜୁ କରାଯାଇଛି । ୨୩ ତାରିଖ ରାତି ସାଢେ ୧୨ଟାରେ ଏକ ମାଲ ବୋଝେଇ ଟ୍ରକକୁ ଗୌଡୁଣୀ ପୋଖରୀ ନିକଟରେ ବାଇକ୍ ଯୋଗେ ୩ଜଣ ଯୁବକ ଆସି ଅଟକାଇଥିଲେ । ଟ୍ରକ୍ ଅଟକିବା ପରେ ଲୁହା ରଡ୍ ସାହାଯ୍ୟରେ ଆକ୍ରମଣ କରି ଡ୍ରାଇଭରଙ୍କଠାରୁ ୧ହଜାର ୮ଶହ ଟଙ୍କା ଓ ଏକ ମୋବାଇଲ ଫୋନ ନେଇ ପଳାଇଥିଲେ। ଟ୍ରକ ମ୍ୟାନେଜର ସୌମ୍ୟରଞ୍ଜନ ମହାନ୍ତି ଖନ୍ତାପଡା ଥାନାରେ ଅଭିଯୋଗ କରିଥିଲେ।

# କାର୍ଯ୍ୟ ଶେଷର ୬ ବର୍ଷ ପରେ ବି କିସ୍ତି ମିଳିନି

- ବିଜୁ ପକ୍କା ଘର
- ବିଡିଓ, ବ୍ଲକ୍ ଅଧକ୍ଷଙ୍କୁ ଦାବିପତ୍ର

ଯୋଡ଼ା,୨୫।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଅଶେଇଁକଳା ପଞ୍ଚାୟତର ସାନବ ଗ୍ରାମର ମିଲୁ ଓରାମଙ୍କୁ ବିଜୁ ପକ୍କା ଘର ନିର୍ମାଣ ସମ୍ପୂର୍ଣ୍ଣ କରିବାର ୬ ବର୍ଷ ପରେ ବି ଶେଷ କିସ୍ତି ଟଙ୍କା ମିଳିନାହିଁ। ଏ ନେଇ ଯୋଡ଼ା ବ୍ଲକ୍ ବିଡ଼ିଓ ଓ ଅଧକ୍ଷଙ୍କୁ ସୋମବାର ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୧ ଜୁଲାଇ ୨୦୧୬ରେ ବିଜୁ ପକ୍କା ଘର ନିର୍ମାଣ ନିମନ୍ତେ ମିଲୁଙ୍କୁ ୧ ଲକ୍ଷ ୩୦ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା। ତାଙ୍କୁ ତିନୋଟି କିସ୍ତିରେ ୧ ଲକ୍ଷ ଟଙ୍କା ପ୍ରଦାନ ମଧ କରାଯାଇଛି। କାର୍ଯ୍ୟ ଶେଷ ସମୟରେ ବ୍ଲକ୍ ପକ୍ଷରୁ ତାଙ୍କର କାର୍ଯ୍ୟାଦେଶକୁ ବାତିଲ କରି ଜନୈକ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। କନିଷ୍ଠ ଯନ୍ତ୍ରୀ ଜଣକ ଘର ନିର୍ମାଣ ସମ୍ପୂର୍ଣ୍ଣ କରିବା ପରେ ଶେଷ କିସ୍ତି ୩୦ ହଜାର ଟଙ୍କା ମିଳିବ ବୋଲି ମିଲୁଙ୍କୁ କହିଥିଲେ। ତେବେ ଘର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ କନିଷ୍ଠ ଯନ୍ତ୍ରୀ ଜଣକ ଘରର ଫଟୋ ଉଠାଇ ନେଇ ସମୟ ଗଡ଼େଇ ଚାଲିଥିଲେ। ଏକ ଖଣି କମ୍ପାନୀକୁ ବିଲ ଯାଇଛି, ବିଲ ଆସିଲେ ଶେଷ କିସ୍ତି ଟଙ୍କା ମିଳିବ ବୋଲି ତାଙ୍କୁ କୁହାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯୋଡ଼ା ବିଡିଓ ଜଗନ୍ନାଥ ହନୁମାନ କହିଛନ୍ତି, କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଥିବାରୁ ଶେଷ କିସ୍ତି ଟଙ୍କା ତାଙ୍କୁ ପ୍ରଦାନ କରାଯାଇଛି। ଯୋଡ଼ା ବ୍ଲକ୍ ଅଧକ୍ଷ କବିନ୍ଦ୍ର ନାଏକ କହିଛନ୍ତି, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅନ୍ୟତ୍ର ବଦଳି ହୋଇ ଯାଇଥିବାରୁ ତାଙ୍କ ସହିତ ଯୋଗାଯୋଗ ହୋଇପାରୁନାହିଁ। ଯୋଗାଯୋଗ ହେଲେ ଅଭିଯୋଗ ତାଙ୍କୁ ଅବଗତ କରାଇବେ ବୋଲି କହିଛନ୍ତି।

# ବିଶ୍ୱ ଫାର୍ମାସିଷ୍ଟ ଦିବସ




ମଞ୍ଚରେ ଉପସ୍ଥିତ ଅତିଥିମାନେ।

ଖୁଣ୍ଟା,୨୫।୯(ଦେବରଞ୍ଜନ ବେହେରା)

ଖୁଣ୍ଟା ବ୍ଲକ ଅଧୀନ ଡୁକୁରା ଓମ୍ ସାଇ ଇଣ୍ଷ୍ଟିଚ୍ୟୁଟ ଅଫ୍ ପାରା ମେଡିକାଲ ସାଇନ୍ସ ଦ୍ୱାରା ପରିଚାଳିତ ଆମ୍ବଡାଳି ଫାର୍ମାସୀ କଲେଜରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଡା. ବିଭୂତି ଭୂଷଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ରେଞ୍ଜର ଅତିରିକ୍ତ ଡ୍ରଗ୍ସ କଣ୍ଟ୍ରୋଲର ରୁଦ୍ରନାରାୟଣ ସାହୁ, ମୁଖ୍ୟବକ୍ତା ଓମ୍ ସାଇ ଆଇଟିଆଇର ଅଧକ୍ଷ ବାସୁଦେବ ମହାନ୍ତ, ସମ୍ମାନିତ ଅତିଥି ଏଆଇଓସିଡିର ସଦସ୍ୟ ସରୋଜ କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ନିର୍ଦ୍ଦେଶକ ଡା.ବିଜୟ କୁମାର ଦାସ, ପୂର୍ବତନ ସିଡିଏମ୍‌ଓ କରୁଣାକର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଫାର୍ମାସିଷ୍ଟଙ୍କ ଭୂମିକା ବିଷୟକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।

# ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ



ସମ୍ମାନିତ ହୋଇଥିବା ଫାର୍ମାସିଷ୍ଟମାନେ।

କେନ୍ଦୁଝର,୨୫।୯(ଦୀପକ ମିଶ୍ର)

କେନ୍ଦୁଝର ସଦର ବ୍ଲକ୍ ଡିମ୍ବୋସ୍ଥିତ ଇଂ ବସନ୍ତ କୁମାର ଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ଫାର୍ମାସୀ କଲେଜ, କେନ୍ଦୁଝର ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆନୁକୂଲ୍ୟରେ 'ବିଶ୍ୱ ଫାର୍ମାସିଷ୍ଟ ଦିବସ' ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଇଂ. ଜୀତେନ କ୍ରିଷ୍ଣରାମ ଦାନୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ବରିଷ୍ଠ ଫାର୍ମାସିଷ୍ଟ ରଜତ ନନ୍ଦ, ଶାନ୍ତନୁ ମାଟିଆନ ଓ ଦେବବ୍ରତ ମହାନ୍ତଙ୍କୁ 'ଧନନ୍ତରୀ ସମ୍ମାନ-୨୦୨୩'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ବରିଷ୍ଠ ଫାର୍ମାସିଷ୍ଟ ସୁବାସ ଚନ୍ଦ୍ର ନାୟକ, ଦିଲ୍ଲୀପ ହାତୀଙ୍କୁ ମଧ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥିଭାବେ କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟର ଅଧକ୍ଷ ଇଂ. ମୃତ୍ୟୁଞ୍ଜୟ ନାୟକ, ଫାର୍ମାସୀ କଲେଜର ଅଧକ୍ଷ ତରଣୀକାନ୍ତ ସ୍ୱାଇଁ ଯୋଗଦେଇ ବିଶ୍ୱ ଫାର୍ମାସିଷ୍ଟ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଅଧାପିକା ଓ ଅଧାପକ ଲିପାଞ୍ଜଳୀ ବଡ଼େଇ, ମନ୍ଦାକିନୀ ମହାନ୍ତ, ରଶ୍ମୀରଞ୍ଜନ ସାହୁ, ବୃନ୍ଦାବନ ବେହେରା, ଦେବୀପ୍ରସାଦ ରାଉତରାୟ, ଅଞ୍ଜିତା ଦତ୍ତ, ମୀନକେତନ ନାୟକ, ମନୀଷା ସେଠୀ, ତନ୍ମୟ ସାହୁ, ଇତିଶ୍ରୀ ମହାରଣାଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ନିର୍ଦ୍ଦେଶକ ଇଂ ଦାନୀ ପୁରସ୍କୃତ କରିଥିଲେ।

## କୁଡୁମୀ ସେନା ପକ୍ଷରୁ ଏମ୍‌ପି ମମତା ମହାନ୍ତଙ୍କୁ ସମ୍ବର୍ଦ୍ଧନା

ପାଟଣା,୨୪।୯(ବୀର କିଶୋର ଦାଶ):

ଉପ ରାଷ୍ଟ୍ରପତି ଜଗଦିଶ ଧନକଡ ତାଙ୍କ ଅନୁପସ୍ଥିତିରେ ରାଜ୍ୟସଭାର ଗୃହ ପରିଚାଳନା ପାଇଁ ଏକ ୮ ଜଣିଆ ପ୍ୟାନେଲ ବିଶିଷ୍ଟ ଉପାଧକ୍ଷ ମଣ୍ଡଳୀ ଗଠନ କରିଛନ୍ତି। ଏଥିରେ ଓଡ଼ିଶାରୁ ରାଜ୍ୟସଭାକୁ ଏମ୍‌ପି ଭାବେ ପ୍ରତିନିଧିତ୍ୱ କରୁଥିବା ମମତା ମହାନ୍ତ ମନୋନୀତ ହୋଇଛନ୍ତି। ଗତ ସୋମବାରରେ ଉପାଧକ୍ଷଭାବେ ମନୋନୀତ ହେବାପରେ ଉକ୍ତ ଦିନ ଗୃହର ଉପାଧକ୍ଷାଭାବେ ସେ ଗୃହ ପରିଚାଳନା ପାଇଁ ସୁଯୋଗ ପାଇଥିଲେ। ଏ ନେଇ ଓଡ଼ିଶା କୁଡୁମୀ ସେନାର ଏକ ପ୍ରତିନିଧି ମଣ୍ଡଳୀ ଶନିବାର ସନ୍ଧ୍ୟାରେ ଏମ୍‌ପି ମମତା ମହାନ୍ତଙ୍କ ମୟୂରଭଞ୍ଜ ଜିଲା ବିଶୋଇସ୍ଥିତି ବାସଭବନରେ ଭେଟି ପୁଷ୍ପଗୁଚ୍ଛ ଓ ବସ୍ତ୍ର ଦେଇ ଶୁଭେଚ୍ଛା ଜଣାଇଛନ୍ତି।

ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତଙ୍କ ନେତୃତ୍ୱରେ ଏକ କୁଡୁମୀ ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ଯୁବ ସମ୍ପାଦକ ବିଶ୍ୱଜିତ୍ ମହାନ୍ତ, ପାଟଣା ବ୍ଲକ୍ ସମ୍ପାଦକ ତ୍ରିନାଥ ମହାନ୍ତ, ଖବରଦାତା କିଶୋର ଚନ୍ଦ୍ର ମହାନ୍ତ, ମୟୂରଭଞ୍ଜ ସଂଯୋଜକ ଡମ୍ବରୁଧର ମହାନ୍ତ, ରାଜ୍ୟ ଉପଦେଷ୍ଟା ବିଦ୍ୟାଧର ମହାନ୍ତ, ବିନୋଦ ମହାନ୍ତ, ପାଟଣା ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତ, ସାହାରପଡ଼ା ବ୍ଲକ୍ ଉପଦେଷ୍ଟା ଲକ୍ଷ୍ମୀଧର ମହାନ୍ତ, ଦିବାକର ମହାନ୍ତ, ମଦନ ମହାନ୍ତ, ଶ୍ରୀକାନ୍ତ ମହାନ୍ତ, ରଘୁନାଥ ମହାନ୍ତ ପ୍ରମୁଖ ସାମିଲ ଥିଲେ।

# ଘର ଘର ବୁଲି ମାଟି ସଂଗ୍ରହ



ଜଣେ ବ୍ୟକ୍ତି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ମାଟି ଦେଉଛନ୍ତି।

ଚାନ୍ଦବାଲି, ୨୫।୯ (କିଶାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଭାଟପଡ଼ା, ଆରଡ଼ି, ସୁନ୍ଦରପୁର, ଓଲଗ ଏବଂ ନାନ୍ଦପୁର ପଞ୍ଚାୟତରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନେତୃତ୍ୱରେ ସୋମବାର 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦଳୀୟ ନେତା ଓ କର୍ମୀମାନେ ଘର ଘର ବୁଲି ମାଟି ସଂଗ୍ରହ କରିଥିଲେ। ଲୋକେ ଉତ୍ସାହର ସହ ଏହି ଭବ୍ୟ କଳସରେ ମାଟି ଦେଇଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, ନାରାୟଣ ନାୟକ, ପୂର୍ଣ୍ଣଚନ୍ଦ୍ର ପାଣି, କମଳା ସୂତାର, ମୀନ ବିଶ୍ୱାଳ, ସୁଶୀଲ ବାରିକ, ମାନସ କୁମାର ବେହେରା, ମାନସ ବିଶ୍ୱାଳ, ସୁକାନ୍ତ ପାଢ଼ୀ, ଆରଡ଼ିରେ ଆଖଣ୍ଡଳମଣି ମଣ୍ଡଳ ସଭାପତି କିଶୋର ନାୟକ, ସ୍ୱଦେଶ ପଣ୍ଡା, ମଣ୍ଟୁ ପାଢ଼ୀ, ବିଜୟ ପାଢ଼ୀ, ସନ୍ଦୀପ ନାୟକ, ଦିବେନ୍ଦୁ ମହାପାତ୍ର ପ୍ରମୁଖ ଏଥିରେ ସାମିଲ ଥିଲେ।

# ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

ଔପଦା, ୨୫।୯(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକ ସଭାଗୃହରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଏସ୍‌ପି ସାଗରିକା ନାଥଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆବାସ ପ୍ରଦାନରେ ବ୍ୟତିକ୍ରମ, ରାସ୍ତା, ଜମି, ଶିକ୍ଷା, ପାନୀୟଜଳ, ଅଙ୍ଗନୱାଡ଼ି, ଚାଷରେ କ୍ଷତି ପରି ବିଭିନ୍ନ ଅଭିଯୋଗ ହୋଇଥିବା ବେଳେ ଜିଲାପାଳ ଓ ଏସ୍‌ପି ଲୋକଙ୍କ ଆପତ୍ତି ଅଭିଯୋଗକୁ ଶୁଣି ସମାଧାନ କରିଥିଲେ। ଔପଦା ବ୍ଲକ ଅଘିରାପଦା ଗ୍ରାମର ଆବାସ ପାଇଁ କାର୍ଯ୍ୟାଦେଶ ପାଇ ପ୍ରଥମ କିସ୍ତି ଟଙ୍କା ମିଳୁ ନ ଥିବାରୁ ଜିଲାପାଳଙ୍କଠାରେ ଆପତ୍ତି କରି ଆବାସ ପାଇଁ ବାଲି, ଚିପ୍ସ, ରଡ଼ ଟଙ୍କା କରଜ କରି କିଣି ଦେଇଥିବାରୁ ଆମେ କଣ କରିବୁ ବୋଲି ଜିଲାପାଳଙ୍କଠାରେ ସରସ୍ୱତୀ ଅଭିଯୋଗ କରିଛନ୍ତି। ସେହିପରି ଗଡ଼ସାହି ପଞ୍ଚାୟତ ଗଡ଼ସାହି ସେବାଶ୍ରମ ଉନ୍ନୀତ ବିଦ୍ୟାଳୟରେ ରୋଷେୟା ଚୟନରେ ଅନିୟମିତତା ହେବା ସହ ବିଦ୍ୟାଳୟରେ ଥିବା ପରିଚାଳନା କମିଟି ଓ ଗ୍ରାମବାସୀଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଣଦେଖା କରିବା ସମ୍ପର୍କରେ ପରିଚାଳନା କମିଟି ସଭ୍ୟା,ସଭ୍ୟ ଓ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ଔପଦା ବ୍ଲକ ଫତେପୁର ପଞ୍ଚାୟତର ମଦ ବିରୋଧୀ ମହିଳାମାନେ ପଞ୍ଚାୟତ ସ୍ତରୀୟ ବିଭିନ୍ନ ଗ୍ରାମରେ ଚାଲିଥିବା ଚୋରାମଦ କାରବାର ସମ୍ପର୍କରେ ୨୦ରୁ ଉର୍ଦ୍ଧ୍ୱ ମହିଳା ଏକାଠି ହୋଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଚୋରାମଦ କାରବାରକୁ ବନ୍ଦ କରିବା ପାଇଁ ଦାବି କରିଥିଲେ। ଜିଲାପାଳ ମହିଳାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ଅବକାରୀ ବିଭାଗର ଉଚ୍ଚ ଅଧିକାରୀଙ୍କ ସହିତ ତୁରନ୍ତ ପଦକ୍ଷେପ ନେବା ପାଇଁ କହିଥିବା ଜଣାଯାଇଛି। ଶ୍ୟାମସୁନ୍ଦରପୁର ପଞ୍ଚାୟତ ହାତୀଖୋଲିଆ ଗ୍ରାମଠାରେ ଥିବା ସିନ୍ଧୁଆ ଡ୍ୟାମର ଉନ୍ନତିକରଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ଅର୍ଥକୁ କାର୍ଯ୍ୟକାରୀ କରିବା ପାଇଁ ସରପଞ୍ଚ ପୁରୁଷୋତ୍ତମ ସେଠୀ ଜିଲାପାଳଙ୍କଠାରେ ଆପତ୍ତି କରିଛନ୍ତି। ଜନଶୁଣାଣି ଶିବିରରେ ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଲିକ, ବିଡ଼ିଓ ଅଭିଷେକ ଦାଶଙ୍କ ସମେତ ଜିଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ମାଙ୍କଡ଼ ଆକ୍ରମଣରେ ୧୦ ଗୁରୁତର

ସିମୁଳିଆ, ୨୫।୯(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ବାଙ୍ଗରଖଡ଼ିଗଡ଼ିଆ ଓ ବାଉରିପଦା ଦୁଇଟି ପଞ୍ଚାୟତର ୧୦ଜଣ ବ୍ୟକ୍ତି ମାଙ୍କଡ଼ କାମୁଡାରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଜନସାଧାରଣ ସୋମବାର ଜିଲା ବନବିଭାଗଙ୍କୁ ଲିଖିତ ଅଭିଯୋଗ କରିବା ସହିତ ଆକ୍ରମଣର ଶିକାର ହୋଇଥିବା ଗରିବ ଶ୍ରେଣୀର ବ୍ୟକ୍ତିଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଦାବି କରାଯାଇଛି।

ଗତ ଦୁଇମାସ ହେଲା ଏହି ମାଙ୍କଡ଼ମାନେ ଦଳବଦ୍ଧ ରୂପେ ଦୁଇଟି ପଞ୍ଚାୟତର ବଣା, ବରିହା ଓ ଭୁବନପୁର ଅଞ୍ଚଳରେ ବିଭିନ୍ନ ଫସଲ ନଷ୍ଟ କରିବା ସହିତ ଲୋକଙ୍କୁ ଆକ୍ରମଣ କରିବା ପରି ଅଭିଯୋଗ ହୋଇଛି। ମାଙ୍କଡ଼ ଆକ୍ରମଣରେ ରାଜେନ୍ଦ୍ର କୁମାର ସାହୁ, ଶଶୀକାନ୍ତ ସାହୁ, ଶୁଭଶ୍ରୀ ସାହୁ, ସୁରେନ୍ଦ୍ର ଲେଙ୍କା, ମହେନ୍ଦ୍ର ବେହେରା, କାଞ୍ଚନ ମିଶ୍ର, ବାସନ୍ତୀ ପଣ୍ଡା, ରଜନୀ ସାହୁ, ଅକ୍ଷୟ ମହାପାତ୍ର ଓ ବିଭୂତି ଖଣ୍ଡେଇ ଆହତ ହୋଇଛନ୍ତି।

# ୨ ଛାତ୍ରଙ୍କ ହତ୍ୟାକାରୀଙ୍କୁ ଧରିବାକୁ ଗୁହାରି

**ଜନଅଭିଯୋଗ ଶୁଣାଣି**

ବାସୁଦେବପୁର, ୨୫।୯(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚିନ୍ତାମଣି ସଭାଗୃହ ପରିସରରେ ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୨୪ ଅଭିଯୋଗ ଆଗତ ହୋଇଥିଲା। ରାଜଘରପୋଖରୀ ଗ୍ରାମର ବୟୋଜ୍ୟେଷ୍ଠ ଗରିବ ଶ୍ରୀଧର ନାୟକଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ନାୟକାଣିଡିହୀ ଥାନା ଅଧୀନ ଜଗନ୍ନାଥପ୍ରସାଦ ଗ୍ରାମରେ ୨୦୧୮ ଫେବୃୟାରୀ ୧୪ରେ ଘଟିଥିବା ଦୁଇ ଛାତ୍ର ମନୋଜ ପାଢ଼ୀ ଓ କୁଳମଣି ବାରିକ ହତ୍ୟାକାଣ୍ଡରେ ସମ୍ପୃକ୍ତ ହତ୍ୟାକାରୀଙ୍କୁ ଏଯାଏ ଗିରଫ କରାଯାଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ହତ୍ୟାକାରୀଙ୍କୁ ଗିରଫ ପାଇଁ ମୃତ ମନୋଜଙ୍କ ବାପା ରତ୍ନାକର ପାଢ଼ୀ ଓ କୁଳମଣିଙ୍କ ବଡ଼ବାପା ଭାଗୀରଥି ବାରିକ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି ବରୁଣ ଗୁଣ୍ଟୁପାଲି ଆଶ୍ୱାସନା ଦେଇଥିଲେ। ପ୍ରକାଶଥାଉ କି, ଦୁଇ ଛାତ୍ର ଜାଗର ଯାତ୍ରାରେ ନିଖୋଜ ହୋଇଥିଲେ। ପରେ ଉଭୟଙ୍କ ମୃତଦେହ ଗ୍ରାମ ନିକଟସ୍ଥ ଏକ ପୋଖରୀରୁ ମିଳିଥିଲା। ଶିବିରରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ଗୁଣ୍ଟୁପାଲି, ଉପଜିଲାପାଳ ମନୋଜ ପାତ୍ର, ସିଡିଏମ୍‌ଓ ଡା. ସନ୍ତୋଷ ପାତ୍ର, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଡିଓ ସତ୍ୟଜିତ ରାଉତ, ତହସିଲଦାର ସୌଭାଗ୍ୟ ପଣ୍ଡା, ବାସୁଦେବପୁର ଥାନାଧିକାରୀ ଲୋପାମୁଦ୍ରା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କୁଡୁମି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପ୍ରଦାନ ଉଦ୍ୟମକୁ ବିରୋଧ

ବିଶୋଇ,୨୫।୯(ଅମିତ ଦାସ)

କୁଡ଼ମି ଓ କୁମ୍ଭାର ସମ୍ପ୍ରଦାୟକୁ ଏସ୍‌ଟି ମାନ୍ୟତା ଉଦ୍ୟମକୁ ଆଦିବାସୀ ସୋସିଓ ଏଜୁକେଶନାଲ ଆଣ୍ଡ କଲଚରାଲ ଆସୋସିଏସନ (ଆସେକା) ମଣଦା ଶାଖା ପକ୍ଷରୁ ବିରୋଧ କରାଯାଇଛି। ଏନେଇ ବିଶୋଇ ବ୍ଲକର ହଜାର ହଜାର ଆଦିବାସୀ ଜନ ସାଧାରଣଙ୍କୁ ନେଇ ସୋମବାର ଏକ ବିଶାଳ ରାଲି କରାଯାଇଛି। ତହସିଲଦାର ମନ୍ମଥ କୁମାର ମଲ୍ଲିକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଆସେକା ମଣଦା ଶାଖାର ସଭାପତି ପରମେଶ୍ୱର ହେମ୍ବ୍ରମ, ସମ୍ପାଦକ ରଞ୍ଜନ କୁମାର ମୁର୍ମୁ, ଉପସଭାପତି ସୁଧୀର କୁମାର ସୋରେନ, ସହ ସମ୍ପାଦକ ଗଙ୍ଗାଧର ମାର୍ଣ୍ଡି ପ୍ରମୁଖଙ୍କ ଆହ୍ୱାନ କ୍ରମେ ମାର୍ଶାଲ ଟୁଡୁ, ରବିନସନ ସୋରେନ, ସୁଧୀର ସୋରେନ, ସାଣ୍ଡିଲ ହାଁସଦା, ସଦାନନ୍ଦ ମାର୍ଣ୍ଡି, ହରିଚରଣ ହାଁସଦା, ଲମ୍ବୋଧର ହାଁସଦା, ମଙ୍ଗଳ ମୁର୍ମୁ ପ୍ରମୁଖଙ୍କ ନେତୃତ୍ୱରେ ୭୫ଟି ଗ୍ରାମର ମାଝୀ ବାବା,ସାଓଁତା ମାଝୀ, ବାଂକିପିଢ଼ ପାର୍ଗାନା, ଘାଟ ପାର୍ଗାନାଙ୍କ ସମେତ ବିଶୋଇ ବ୍ଲକର ୨ ହଜାର ଆଦିବାସୀ ମହିଳା ପୁରୁଷ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।




ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ଆଦିବାସୀ ସଂଗଠନର କର୍ମକର୍ତ୍ତାମାନେ।

## ବିଭିନ୍ନ ଦାବିରେ ସିପିଏମ୍ ପକ୍ଷରୁ ବିକ୍ଷୋଭ

ରାଇବଣିଆ(ନବୀନ ସାହୁ)/ଜଳେଶ୍ୱର(ରବିନାରାୟଣ ପାତ୍ର), ୨୫।୯

ବାର୍ଦ୍ଧକ୍ୟ ଭତ୍ତା ମାସିକ ତିନି ହଜାର ଟଙ୍କାକୁ ବୃଦ୍ଧି, ଦରଦାମ୍ ନିୟନ୍ତ୍ରଣ, ସମସ୍ତଙ୍କୁ କାମ, ପଞ୍ଚାୟତକୁ କ୍ଷମତା ଦେବା, ଆବାସ ଯୋଜନାରେ ହିତାଧିକାରୀଙ୍କୁ ୩ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଆଦି ଦାବିରେ ସୋମବାର ଜଳେଶ୍ୱର ସିପିଏମ୍ ପକ୍ଷରୁ ଏକ ଶୋଭାଯାତ୍ରା ଓ ବିକ୍ଷୋଭ କରାଯାଇଥିଲା । ଏହି ଶୋଭାଯାତ୍ରା ଜଳେଶ୍ୱର ଷ୍ଟେଶନ ବଜାରରୁ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସିପିଏମ୍‌ର ରାଜ୍ୟନେତା ଜନାର୍ଦ୍ଦନ ପତି ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଦିଲୀପ କୁମାର ଗିରିଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଶିଶିର କୁମାର ହୁଇ, ସିତାଂଶୁ ସେନାପତି, ଦିପ୍ତୀମାନ ଆଚାର୍ଯ୍ୟ, ପଲ୍ଟୁ ଦାସ, ଜିତାଂଶୁ ନନ୍ଦୀ, ରବିନ୍ଦ୍ର ବାରିକ, ରତନ ଦାସ, ଜୀବନ ପରିଡା, ମମି ପଣ୍ଡା ପ୍ରମୁଖ ଆସନ୍ତା ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦେଇଥିଲେ।

# ଥାନା ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା




ଥାନା ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

**ମୃତ୍ୟୁର ୪ ଦିନ ପରେ ବି ଶ୍ରମିକଙ୍କୁ ମିଳିଲାନି ନ୍ୟାୟ**

ଖଇରା,୨୫।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡର ୪୧ନମ୍ବର ଖଣିରେ ପଥର ଉତ୍ତୋଳନ ବେଳେ ପଥର ତଳେ ଚାପି ହୋଇ ଗାଭର ଗ୍ରାମର ଲକ୍ଷ୍ମଣ ବେଦାନ୍ତ ମୃତ୍ୟୁବରଣ କରିବା ଘଟଣାକୁ ୪ଦିନ ପୂରିବାକୁ ବସିଲାଣି । ହେଲେ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଘରୁ ଡାକି ନେଇ ଏହି ବେଆଇନ ଖଣି କାର୍ଯ୍ୟରେ ଲଗାଇଥିବା ଚୋରା ଖଣି ବ୍ୟବସାୟୀଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ କି ଉକ୍ତ ଶ୍ରମିକଙ୍କ ପରିବାରକୁ ଟଙ୍କାଟିଏ ଆର୍ଥିକ ସହାୟତା ପ୍ରଦାନ କରାଯାଇନାହିଁ। ପ୍ରତିବାଦରେ ଲକ୍ଷ୍ମଣଙ୍କ ପରିବାର ଏବଂ ଗାଭର ଗ୍ରାମବାସୀ ସୋମବାର ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଶାରୀଶୁଆ ପାହାଡରେ ମାତ୍ର ୩ଟି ଖଣି ଖନନ ପାଇଁ ଅନୁମତି ରହିଥିବା ବେଳେ ୪୧ନମ୍ବର ଭଳି ଅନ୍ୟାନ୍ୟ ବହୁ ଖଣି ବେଆଇନ ଭାବେ ଚାଲିଥିବାରୁ ଏଭଳି ଭାବେ ବାରମ୍ବାର ଶ୍ରମିକ ମୃତ୍ୟୁବରଣ କରୁଛନ୍ତି । ଏଥିପାଇଁ ଏହା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଶ୍ରମିକମାନେ ଦଲାଲଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ଅଭିଯୋଗ କରିଥିଲେ। ୨ଦିନ ମଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଇଆଇସି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

## ଛାତ୍ରୀଙ୍କ ଆତ୍ମହତ୍ୟା

ମୋରଡ଼ା,(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ପାରିଆଡ଼ା ଗ୍ରାମରେ ଜଣେ ଛାତ୍ରୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଲଦଡ଼ିହି ଗ୍ରାମର ଲାଲ ମୋହନ ମାର୍ଣ୍ଡିଙ୍କ ଝିଅ ସସ୍ମିତା। ସେ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ବେଳେ ଛୋଟ ବେଳୁ ଶୀର୍ଷାପାଳସ୍ଥିତ ନିଜ ମାଉସୀ ଘରେ ରହି ଆସୁଥିଲେ। ସୋମବାର ପୂର୍ବାହ୍ନରେ ତାଙ୍କ ମୃତଦେହ ମାଉସୀ ଘର ନିକଟସ୍ଥ ଏକ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି।

## ସଂକ୍ଷେପରେ

### ବିଦ୍ୟାଳୟ ଆଲମିରାରୁ ନାଗ ଉଦ୍ଧାର

ରୁପସା, ୨୫।୯(ବାଞ୍ଛାନିଧି ଦେ)- ବାଲେଶ୍ୱର ସଦର ବ୍ଲକ୍ ଅଧୀନ କଷିପଦା ପଞ୍ଚାୟତର ମିରିଗିମୁଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର ସାଢ଼େ ୪ଫୁଟ୍ ଲମ୍ବର ଏକ ନାଗ ଉଦ୍ଧାର ହୋଇଛି। ବିଦ୍ୟାଳୟରେ ପ୍ରାର୍ଥନା ସରିବା ପରେ ପ୍ରଧାନଶିକ୍ଷକ କିଛି ଜିନିଷ ବାହାର କରିବା ଉଦ୍ଦେଶ୍ୟରେ କାଠ ଆଲମିରାକୁ ଖୋଲିଥିଲେ। ସାପକୁ ଥାକ ମଧ୍ୟରେ ଥିବା ଦେଖିବାକୁ ପାଇ ସ୍ନେକ ହେଲ୍ପଲାଇନକୁ ଖବର ଦେଇଥିଲେ। ସ୍ନେକ୍ ହେଲ୍ପଲାଇନ ସଦସ୍ୟ ସୁବ୍ରତ ପ୍ରଧାନ ପହଞ୍ଚି ସାପକୁ ଉଦ୍ଧାର କରି ସ୍ଥାନୀୟ କେଶୁରା ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ିଥିଲେ।

### ମା' ମାନସାଙ୍କ ପୀଠରେ ଯଜ୍ଞ

ରାଇରଙ୍ଗପୁର, ୨୫।୯(ମନୋରଞ୍ଜନ ତିରିଆ): ବହଲଦା ବ୍ଲକ ଅଧୀନ ବାସିଙ୍ଗୀସ୍ଥିତ ପ୍ରସିଦ୍ଧ ମା' ମାନସାଙ୍କ ପୀଠରେ ତ୍ରିଦିବସୀୟ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ଷୋଡ଼ଶ ଉପଚାର ପୂଜା, ସୂର୍ଯ୍ୟ ପୂଜା, ଗୋ ପୂଜା, ହୋମ କୁଣ୍ଡରେ ସପ୍ତସତୀ ଚଣ୍ଡୀ ପୂଜନ, ପୂର୍ଣ୍ଣାହୁତି, ଆରତୀ, ବିସର୍ଜନ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ପୂଜକ ନୀଳରତ୍ନ ସାମନ୍ତରାୟ, ସହଯୋଗୀ ପୂଜକ ମାନସ ଦାସ, ଅରୂପ ସାମନ୍ତରାୟ, ନିକୁଞ୍ଜ ମିଶ୍ର, ଯଜ୍ଞେଶ୍ୱର ଦାସଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କର୍ତ୍ତା ଭାବେ ମହେନ୍ଦ୍ର ନାଥ ମହାନ୍ତ ଓ ଲୀଳାବତୀ ମହାନ୍ତ ସଂକଳ୍ପରେ ବସିଥିଲେ।

### ବିବାହର ୬ମାସ ପରେ ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ

**ଆତ୍ମହତ୍ୟା ଉଦ୍ୟମ କରିଥିବା ସ୍ୱାମୀ ଗିରଫ**

ତିହିଡ଼ି,୨୫।୯(ସଞ୍ଜିତ ବଳ)-ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କୋହ୍ଲ ଗ୍ରାମରେ ବିବାହର ୬ ମାସ ପରେ ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ମହିଳା ହେଲେ ମନ୍ଦାକିନୀ ମାଝୀ। ଏନେଇ ତାଙ୍କ ମା' ଗୀତାଲତା ଯୌତୁକ ପାଇଁ ତାଙ୍କ ଝିଅକୁ ହତ୍ୟା ଉଦ୍ୟମ କରାଯାଇଥିବା ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା (ନଂ. ୩୮୦/୨୩) ରୁଜୁ କରି ମନ୍ଦାକିନୀଙ୍କ ସ୍ୱାମୀ ସୁଶାନ୍ତ ମାଝୀଙ୍କୁ ରବିବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ବାଂଶଡ଼ା ଥାନା ଅଧୀନ ଗଞ୍ଜେଇବାଡ଼ି ଗ୍ରାମର ଜଳଧର ମାଝୀଙ୍କ ଝିଅ ମନ୍ଦାକିନୀ ଗତ ମାର୍ଚ୍ଚ ୧୩ରେ ସୁଶାନ୍ତଙ୍କୁ ବିବାହ କରିଥିଲେ। ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲେ ମଧ୍ୟ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ମନ୍ଦାକିନୀଙ୍କୁ ନିର୍ଯାତନା ଦେଉଥିଲେ। ରବିବାର ସକାଳେ ମନ୍ଦାକିନୀଙ୍କୁ ତାଙ୍କ ସ୍ୱାମୀ ଓ ଅନ୍ୟମାନେ ଆକ୍ରମଣ କରି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଗୁରୁତର ମନ୍ଦାକିନୀଙ୍କୁ କିଛି ଲୋକ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ସୁଶାନ୍ତ ସିନ୍ଦୂର ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଖବରପାଇ ପୋଲିସ ସୁଶାନ୍ତଙ୍କୁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା। ମନ୍ଦାକିନୀ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

# ୫ ବର୍ଷ ପରେ ଘରକୁ ଫେରିଲେ ନାବାଳିକା

କେନ୍ଦୁଝର, ୨୫।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

- ଜଣଙ୍କ ଘରେ କାମ କରିବାକୁ ଛାଡ଼ିଦେଇଥିଲେ ପିଉସା
- ନିର୍ଯାତନା ସହି ନ ପାରି ଲୁଚି ପଳାଇଥିଲେ


ମା'ବାପା ଓ ଶିଶୁ ମଙ୍ଗଳ ସମିତି ସଦସ୍ୟା, ସଦସ୍ୟଙ୍କ ଗହଣରେ ନାବାଳିକା।

କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ କୁଣ୍ଡୁଳା ଗ୍ରାମର ଗୁରୁବା ମୁଣ୍ଡାଙ୍କ ନିଖୋଜ କନ୍ୟା ସୋମବାର ଶିଶୁ ମଙ୍ଗଳ ସମିତିଙ୍କ ହସ୍ତକ୍ଷେପ ପରେ ପରିବାରକୁ ଫେରିଛନ୍ତି। ନାବାଳିକାଙ୍କୁ ତାଙ୍କ ପିଉସା ଜଣଙ୍କ ଘରେ କାମ କରିବାକୁ ପରିବାର ଲୋକଙ୍କ ନ ଜଣାଇ ଛାଡ଼ିଦେଇଥିଲେ। ନିର୍ଯାତନା ସହି ନ ପାରି ନାବାଳିକା ଲୁଚି ଘରୁ ପଳାଇ ଆସିଥିବା ବେଳେ ଶିଶୁ ମଙ୍ଗଳ କମିଟି ଦ୍ୱାରା ଉଦ୍ଧାର କରାଯାଇଥିଲା। ଝିଅ ଫେରିବା ପରେ ପରିବାରରେ ଖୁସିର ଲହରି ଖେଳିଯାଇଛି।

ସୂଚନା ଅନୁଯାୟୀ, ଗୁରୁବା ଜଣେ ଗରିବ ଆଦିବାସୀ ପରିବାରର। ତାଙ୍କର ପାଞ୍ଚ ଝିଅ ଓ ଜଣେ ପୁଅ ଅଛନ୍ତି। ୨୦୧୯ରେ ତାଙ୍କର ଦ୍ୱିତୀୟ ସନ୍ତାନ (ଏବେ ବୟସ ୧୨)ଙ୍କୁ ଝିଅର ପିଉସା ରାଜୁ ମୁଣ୍ଡା ଭଦ୍ରକକୁ ବୁଲାଇ ନେବାକୁ କହି ତାଙ୍କ ଭାଇ ଘର ବାଲେଶ୍ୱରରେ ଛୁଆ ଦେଖାରଖା କରିବାକୁ ଛାଡ଼ିଥିଲେ। ଛୁଆ କାନ୍ଦିଲେ ସେଠାରେ ମାଡ଼ ମରାଯାଉଥିବା ନାବାଳିକା କହିଛନ୍ତି। ତେଣୁ ସେଠାରୁ ସେ ଲୁଚି ପଳାଇଥିଲେ। ପରେ ପୋଲିସ ଉଦ୍ଧାର କରି ଏକ ସଂସ୍ଥାରେ ରଖିଥିଲା। ଝିଅ ଘରକୁ ନ ଫେରିବାରୁ ପିଉସାଙ୍କୁ ପଚାରିବାରୁ ବାଲେଶ୍ୱର ତାଙ୍କ ସହ ଯାଇଥିବା ବେଳେ କୁଆଡ଼େ ପଳାଇଗଲା ବୋଲି କହିଥିଲେ। ଏ ନେଇ ପାଟଣା ଥାନାରେ ଗୁରୁବାଙ୍କ ସ୍ତ୍ରୀ ବୈଶାଖୀ ମୁଣ୍ଡା ଅଭିଯୋଗ କରିଥିଲେ। ତେବେ ପାଟଣା ପୋଲିସ ବାଲେଶ୍ୱରରେ ଅଭିଯୋଗ କରିବାକୁ କହିବା ସହ ଝିଅର ଆଧାରକାର୍ଡ ମାଗିଥିଲା। ଝିଅର ଆଧାରକାର୍ଡ ନ ଥିବାରୁ ଫେରିଯାଇଥିଲେ। ଗ୍ରାମବାସୀ, ବନ୍ଧୁ ବାନ୍ଧବ ଝିଅକୁ ବିକ୍ରି କରିଦେଇଥିବା ନେଇ କଟୁ ମନ୍ତବ୍ୟ ଦେବା ସହ ଶୁଦ୍ଧି ହେବା ପାଇଁ ବାଧ କରୁଥିଲେ ବୋଲି ବୈଶାଖୀ କହିଛନ୍ତି। ନାବାଳିକାଙ୍କୁ ଛାଡ଼ିବାକୁ ଆସିଥିବା ବାଲେଶ୍ୱର ଶିଶୁ ମଙ୍ଗଳ ସମିତିର ସଦସ୍ୟ ଶତୃଘ୍ନ ମଲ୍ଲିକ କହିଛନ୍ତି, ପିଲାଟି ଏକୁଟିଆ ବୁଲୁଥିବା ଅବସ୍ଥାରେ ୨୦୧୯ରେ ଉଦ୍ଧାର ହୋଇଥିଲା। କେନ୍ଦୁଝର ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ବିଭୂତି ଦାଶ କହିଛନ୍ତି, ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପଢ଼ିବା ପାଇଁ ପାଖ ବିଦ୍ୟାଳୟର ବ୍ୟବସ୍ଥା କରାଯିବା ସହ ସୁବିଧା ଯୋଗାଇ ଦିଆଯିବ। ହସ୍ତାନ୍ତର ବେଳେ କେନ୍ଦୁଝର ଶିଶୁ ମଙ୍ଗଳ ସମିତିର ସଦସ୍ୟା ସୋନାଲୀ ଦାଶ, ରାଜଶ୍ରୀ ଉପାଧ୍ୟାୟ ଓ ସଦସ୍ୟ କୃଷ୍ଣଚନ୍ଦ୍ର ବାରିକ ଏବଂ ବାଲେଶ୍ୱରର ଚାଇଲ୍ଡ ଲାଇନ୍‌ର ଜଣେ ସଦସ୍ୟା ଉପସ୍ଥିତ ଥିଲେ।

# ଉପବାସ ରହି ଧାରଣା ଦେଲେ ଜେଲ କର୍ମଚାରୀ


ଭଦ୍ରକ ଜେଲ ଆଗରେ ଧାରଣାରତ କର୍ମଚାରୀ।

ଭଦ୍ରକ,୨୫।୯(ସନାତନ ରାଉତ)

ଅଲ୍ ଓଡ଼ିଶା ଜେଲ କର୍ମଚାରୀ ସଂଘର ଆହ୍ୱାନକ୍ରମେ ୫ ଦଫା ଦାବିରେ ଜେଲ କର୍ମଚାରୀମାନେ ସୋମବାରଠାରୁ ଉପବାସ ରହି ଜେଲ ଆଗରେ ଧାରଣାରେ ବସିଛନ୍ତି। ୱାର୍ଡରମାନଙ୍କ ଗ୍ରେଡ୍‌ପେ ୧୯ ଶହରୁ ୨ ହଜାର ଓ ଚିଫ୍ ୱାର୍ଡରଙ୍କ ୨ ହଜାରରୁ ୨୪ ଶହ ବୃଦ୍ଧି, ୨୦୧୨ ନିୟମାନୁଯାୟୀ ପୁରୁଣା ପଦୋନ୍ନତି ଲାଗୁ, ଖାଦ୍ୟ ଭତ୍ତା ୪ ଶହରୁ ୧୪ ଶହକୁ ବୃଦ୍ଧି, ୧୩ ମାସିଆ ଦରମା ବୃଦ୍ଧି ଆଦି ଦାବିରେ ଜେଲ କର୍ମଚାରୀମାନେ ୨୪ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟରେ ଯୋଗ ଦେଇଥିଲେ। ଦାବି ପୂରଣ ନ ହେବାରୁ ସୋମବାରଠାରୁ ଖାଦ୍ୟ ଗ୍ରହଣ ନ କରି ଉପବାସରେ ଧାରଣା ଦେଇଛନ୍ତି। ଭଦ୍ରକ ଜେଲ କର୍ମଚାରୀ ସଂଘର ସଭାପତି ରାଜେନ୍ଦ୍ର ବାରିକ, ଉପସଭାପତି ଅସିତ ମହାପାତ୍ର, ସମ୍ପାଦକ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ଉଦୟନାଥ ମାହନ୍ତ, ଚିଫ୍ ୱାର୍ଡର ସ୍ମୃତିପ୍ରୀତିମ ମହାନ୍ତି, ସୁରେନ୍ଦ୍ର ସାମଲ, ଶରତ ଘଡ଼େଇଙ୍କ ସମେତ କର୍ମଚାରୀମାନେ ଧାରଣାରେ ସାମିଲ ହୋଇଛନ୍ତି।

# ଇରିଙ୍ଗେଇ ନାଳ ଉପରେ ୪ ଫୁଟ୍‌ର ପାଣି


ରାସ୍ତା ଉପରେ ବର୍ଷା ଜଳ ପ୍ରବାହିତ ହେଉଛି।

ପାଟଣା,୨୫।୯(ବୀର କିଶୋର ଦାଶ)

**ସଦର ଓ ଘଟଗାଁ ବ୍ଲକ୍‌କୁ ଯୋଗାଯୋଗ ବିଚ୍ଛିନ୍ନ**

ଲଘୁଚାପ ଜନିତ ବର୍ଷା ପ୍ରଭାବରେ କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ର ଶରଧାପୁର ନିକଟରେ ଇରିଙ୍ଗେଇ ନାଳ ପୋଲ ଉପରେ ସୋମବାର ୪ ଫୁଟ୍ ଉଚ୍ଚର ବର୍ଷାପାଣି ପ୍ରବାହିତ ହେଉଛି। ଫଳରେ ପାଟଣା ବ୍ଲକ୍‌ର ଶରଧାପୁରଠାରୁ ସଦର ବ୍ଲକ୍‌ର ଡୁମୁରିଆ ଓ ଘଟଗାଁ ବ୍ଲକର ହଳଧରପୁର, ଢେଙ୍କିକୋଟ ଓ ପିପିଳିଆ ଆଦି ପ୍ରମୁଖ ସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପୋଲ ଉପରେ ବର୍ଷା ପାଣି ଚାଲିଥିବାରୁ ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟକ ଗାଡ଼ି ଅଟକି ରହିଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ସ୍କୁଲ ଛୁଟି ପରେ ଉକ୍ତ ରାସ୍ତା ଦେଇ ଯିବା ଆସିବା କରୁଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ସାଧାରଣ ଲୋକେ ଅଟକି ରହିଥିଲେ। ବିପଦପୂର୍ଣ୍ଣଭାବେ ହାତଧରାଧରି ହୋଇ ଅତିକ୍ରମ କରିଥିଲେ।

# ବିଦ୍ୟାଳୟ ସମୂହ ଫୁଟବଲ,କବାଡ଼ି ପ୍ରତିଯୋଗିତା

ରାଇରଙ୍ଗପୁର,୨୫।୯(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସରକାରୀ ବାଳକ ଉଚ୍ଚବିଦ୍ୟାଳୟ ପରିସରରେ ସୋମବାର ୩ ଦିନିଆ ମୟୂରଭଞ୍ଜ ଜିଲା ବିଦ୍ୟାଳୟ ସମୂହ ଫୁଟବଲ, କବାଡ଼ି ଏବଂ ଖୋ-ଖୋ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଏବଂ ଅନ୍ୟତମ ଅତିଥିଭାବେ ରାଇରଙ୍ଗପୁର ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ହେମ୍ବ୍ରମ, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଜିଲା ଶିକ୍ଷା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଜିଲାର ୨୬ ବ୍ଲକ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନର ୬୫୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଛନ୍ତି।

# ସେବା ଦେଇଛି ପରିଚୟ

ସିମୁଳିଆ, ୨୫।୯(ସନ୍ତୋଷ ନାୟକ)


ଗଜେନ୍ଦ୍ର ସେଠୀ।

ବଳିଷ୍ଠ ବ୍ୟକ୍ତିତ୍ୱ, ଉଚ୍ଚ ଚିନ୍ତାଧାରା ଓ ପରକୁ ଆପଣାର କରିବାର ଆତ୍ମୀୟତା ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। ମେଧାବୀ ଗରିବ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ହେଉ କି, ରାସ୍ତା, ବିଦ୍ୟାଳୟ, ମନ୍ଦିର ଉନ୍ନତୀକରଣ ଆଦି ସମାଜ କଲ୍ୟାଣ କାର୍ଯ୍ୟରେ ସମର୍ପିତ ବ୍ୟକ୍ତିତ୍ୱ ହେଲେ ଗଜେନ୍ଦ୍ର ସେଠୀ। ତାଙ୍କ ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଉରିପଦା ପଞ୍ଚାୟତ ବାଉରିପଦା ଅଞ୍ଚଳରେ।

ତାଙ୍କ ବାପା ଘରଜ୍ୱାଇଁ ହୋଇରହିଥିବାରୁ ପିଲାଦିନ ତାଙ୍କର ମାମୁଘରେ କଟିଥିଲା। ସେ ସମୟରେ ମାଟି କାଦୁଅ ରାସ୍ତା, ଶିକ୍ଷାର ଅବ୍ୟବସ୍ଥା, ଖାଦ୍ୟ ଅଭାବ ସହିତ ଲୋକଙ୍କ ଗରିବପଣ ତାଙ୍କୁ ବ୍ୟତିବ୍ୟସ୍ତ କରିପକାଉଥିଲା। ମାମୁଙ୍କ ପୁଅ ଭାଇ ଗାଁ ସ୍କୁଲର ତୃତୀୟ ଶ୍ରେଣୀରେ ତାଙ୍କର ନାମ ଲେଖାଇ ଦେଇଥିଲେ। ପରେ ସଇଗାଁରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସେ ପାଠ ପଢ଼ିଥିଲେ। ପରେ ସେ ସ୍କୁଲ ନ ଯାଇ ବିଲବାଡ଼ି କାମ, ଘାସ କାଟିବା ଆଦି ଘରକାମରେ ଲାଗିଥିଲେ। ଗଜେନ୍ଦ୍ରଙ୍କ ମାଇଁ ରାଧା ସେଠୀ ତାଙ୍କୁ ପାଠ ପଢ଼ିବା ପାଇଁ ପ୍ରେରଣା ଦେବା ସହିତ 'ପାଠ ରୁ ଭାଗ କେହିନେବେ ନାହିଁ' ବୋଲି କହିବା ପରେ ସେ ଆଉ ସ୍କୁଲ ବନ୍ଦ କରି ନ ଥିବା କହିଥିଲେ। ପରେ ମାର୍କୋଣା ରଘୁନାରାୟଣ ଉଚ୍ଚ ବିଦ୍ୟାଳୟରୁ ଏକାଦଶ ଓ ୧୯୮୧ରେ ସୋର ଉପେନ୍ଦ୍ର ମହାବିଦ୍ୟାଳୟରୁ ଗ୍ରାଜୁଏଶନ ପାସ୍ କରିଥିଲେ। ତେବେ ପାରିବାରିକ ଅସ୍ୱଚ୍ଛଳତା କାରଣକୁ ନେଇ ନିଜ ଅଞ୍ଚଳର ସୁଧୀର କୁମାର ମଲିକ ନାମକ ଜଣେ ବ୍ୟକ୍ତି ଗଜେନ୍ଦ୍ରଙ୍କ ନାମରେ ବ୍ୟାଙ୍କ ଚାକିରି ପାଇଁ ଫର୍ମ ପକାଇଥିଲେ। ଗ୍ରାଜୁଏଶନ ଶେଷ ବର୍ଷରେ ସେ ଭାରତୀୟ ଷ୍ଟେଟବ୍ୟାଙ୍କରେ ୧୯୮୨ରେ ଚାକିରି ଜୀବନ ଆରମ୍ଭ କରିଥିଲେ। ପ୍ରଥମେ ଭୁବନେଶ୍ୱର ପରେ ସିମୁଳିଆ, ନବରଙ୍ଗପୁର, କୋରାପୁଟ, ଅନ୍ତରା, ବଲାଙ୍ଗୀର ପରେ ଭୁବନେଶ୍ୱରର ମୁଖ୍ୟ ଶାଖାରୁ ୨୦୨୦ରେ ଅବସର ନେଇଥିଲେ। ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ଥିବା ବେଳେ ସେ କୌଣସି ଗ୍ରାହକଙ୍କୁ ହଇରାଣ ନ କରି ଯଥାସାଧ୍ୟ ସହଯୋଗ କରିଥିବା ଗଜେନ୍ଦ୍ର କହିଛନ୍ତି। ଗଜେନ୍ଦ୍ରଙ୍କ ବଡ଼ପୁଅ ସଞ୍ଜୟ ଜଣେ ଇଞ୍ଜିନିୟର ହୋଇଥିବା ବେଳେ ସାନପୁଅ ପ୍ରକାଶ ମଧ୍ୟ ଜଣେ ବ୍ୟାଙ୍କ ମ୍ୟାନେଜର। ଗଜେନ୍ଦ୍ରଙ୍କ ଲୋକପ୍ରିୟତା ପାଇଁ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ଜନସାଧାରଣ ୨୦୦୨ରେ ସରପଞ୍ଚ କରାଇଥିଲେ। ଜନସାଧାରଣଙ୍କ ପୂର୍ଣ୍ଣ ସମର୍ଥନରେ ଗଜେନ୍ଦ୍ର ୨୦୨୨ରେ ନିର୍ବାଚିତ ହୋଇ ସମିତିସଭ୍ୟ ରୂପେ କାର୍ଯ୍ୟ କରୁଛନ୍ତି। ତେବେ ସମସ୍ତ ଦଳର ଜନସାଧାରଣଙ୍କ ପାଇଁ କାର୍ଯ୍ୟ କରିବା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଖଇରା ସିମୁଳିଆର ପ୍ରସିଦ୍ଧ ଶକ୍ତିପୀଠ ବାବା ବକ୍ରେଶ୍ୱର ମହାଦେବ ମନ୍ଦିର କମିଟି ସଭାପତି ରୂପେ ସେ କାର୍ଯ୍ୟ କରୁଛନ୍ତି। ପ୍ରୟାସ ଟ୍ରଷ୍ଟ ସହିତ ଜଡ଼ିତ ହୋଇ ସେ ଗରିବ ଅନାଥମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ରହିବା ସହ ଶିକ୍ଷାକୁ ଅଗ୍ରାଧିକାର ଦେଇ ବିଭିନ୍ନ ଅଞ୍ଚଳର ଗରିବ ପିଲାମାନଙ୍କ ପାଠରେ ସମସ୍ତ ସହଯୋଗ ଯୋଗାଇ ଆସୁଛନ୍ତି। ତାଙ୍କ ସହଯୋଗରେ ୧୦ଜଣ ମେଧାବୀ ପାଠପଢ଼ି ବିଭିନ୍ନ ପଦବୀରେ ନିଯୁକ୍ତ ଅଛନ୍ତି। ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ 'ଯାହା କରିବ ଭଲ କରିବା ପାଇଁ ଚେଷ୍ଟା କରିବ' ଓ ଅଭିଭାବକମାନଙ୍କୁ 'ପିଲାମାନଙ୍କୁ ମଣିଷ କରିପାରିଲେ ଦୁଃଖ ଦୂର ହୋଇଯିବ' ବୋଲି ସେ କହନ୍ତି।

# ସ୍ୱଚ୍ଛ, ପଲିଥିନମୁକ୍ତ ପରିବେଶ ପାଇଁ ଆହ୍ୱାନ

ଭଣ୍ଡାରିପୋଖରୀ, ୨୫।୯
(ରବିନାରାୟଣ ଖିଲାର)


ଦକ୍ଷିଣବାଡ଼ ପଞ୍ଚାୟତରେ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଲୋକଙ୍କୁ ସଚେତନତା କରାଯାଉଛି।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତଠାରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶକୁ ସର୍ବଦା ସ୍ୱଚ୍ଛ ଓ ପଲିଥିନମୁକ୍ତ ରଖିବା ପାଇଁ ସେ ଆହ୍ୱାନ ଦେଇଥିଲେ। ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜ କୁମାର ନାୟକ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ବର୍ଷାରାଣୀ ଜେନା, ସମିତିସଭ୍ୟ ବିଷ୍ଣୁ ଚରଣ ଦାସ, ବରିଷ୍ଠ ନେତା ସତ୍ୟାନନ୍ଦ ମହାପାତ୍ର, ହେମନ୍ତ ଜେନା, ରାଜେନ୍ଦ୍ର ଖଣ୍ଡେଇ, ବନ୍ତ ବ୍ଲକ ଯୁବ ସଭାପତି ସାଧନ ବେଜଙ୍କ ସହ ପଞ୍ଚାୟତସ୍ତରୀୟ କର୍ମୀମାନେ ଯୋଗଦେଇ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ଲାକାର୍ଡ ଧରି ପରିବେଶକୁ ସୁସ୍ଥ ରଖିଲେ ସମାଜ ସୁସ୍ଥ ରହିବ, ପଲିଥିନମୁକ୍ତ କର ଆଦି ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ।

# ଡିଜେ ଦ୍ୱାରା ମାତ୍ରାଧିକ ଶବ୍ଦ ପ୍ରଦୂଷଣକୁ ବିରୋଧ

ବାଲେଶ୍ୱର, ୨୫।୯(ମାନସ ବିଶ୍ୱାଳ)

**କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର**


ଜିଲାପାଳଙ୍କ ଅଫିସ ସମ୍ମୁଖରେ ଡିଜେ ଶବ୍ଦକୁ ପ୍ରତିବାଦ କରି ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ସହରବାସୀ।

ବାଲେଶ୍ୱର ଜିଲାରେ ବିଭିନ୍ନ ପୂଜା, ପର୍ବପର୍ବାଣି, ବିବାହ ଉତ୍ସବରେ ହେଉଥିବା ଶୋଭାଯାତ୍ରାରେ ଡିଜେ ଦ୍ୱାରା ମାତ୍ରାଧିକ ଶବ୍ଦ ପ୍ରଦୂଷଣକୁ ବିରୋଧ କରି ସହରବାସୀ ସୋମବାର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗଣେଶ ପୂଜା ଭସାଣି ବେଳେ ଜିଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଜାରି ହୋଇଥିବା ନିୟମ ଭଙ୍ଗ ସହିତ ଡିଜେ ବ୍ୟବହାର ଦ୍ୱାରା ମାତ୍ରାଧିକ ଶବ୍ଦ ପ୍ରଦୂଷଣରେ ସାମିଲ ଥିବା ପୂଜାମଣ୍ଡପ ଓ କ୍ଲବ କର୍ମକର୍ତ୍ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସହରବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ସାକ୍ଷାତ୍ ସହ ଶବ୍ଦ ପ୍ରଦୂଷଣକୁ ନେଇ ଉପୁଜୁଥିବା ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ।

ବାଲେଶ୍ୱର ସହରରେ ଗଣେଶ ପୂଜାଠାରୁ ଆରମ୍ଭ କରି ଦୁର୍ଗାପୂଜା, କାଳୀପୂଜା, କାର୍ତ୍ତିକେଶ୍ୱର ପୂଜା ଓ ସରସ୍ୱତୀ ପୂଜା ହୋଇଥାଏ। ଏହି ସମୟରେ ବିଭିନ୍ନ ପୂଜା ମଣ୍ଡପରେ ଆଇନ୍ ବହିର୍ଭୂତ କାର୍ଯ୍ୟକଳାପ ସହ ଡିଜେ ବ୍ୟବହାର ମାଧ୍ୟମରେ ୬୫ ଡେସିବିଲ୍‌ରୁ ଅଧିକ ଶବ୍ଦରେ ବଜାଯାଉଛି। ଏପରିକି ବିଭିନ୍ନ ସମୟରେ ଏହା ୧୦୦ ଡେସିବିଲରୁ ଅଧିକ ରହୁଥିବା ପରିଲକ୍ଷିତ ହୋଇଛି। ଗତ ୨୦ ଓ ୨୨ ତାରିଖରେ ବାଲେଶ୍ୱର ସହରର ସିନେମା ଛକରୁ ବାରବାଟୀ ବାଳିକା ଉଚ୍ଚବିଦ୍ୟାଳୟ ପର୍ଯ୍ୟନ୍ତ ସଂକୀର୍ଣ୍ଣ ରାସ୍ତାରେ ଗଣେଶ ମେଢ଼ ଭସାଣି ବେଳେ ପୋଲିସ ଉପସ୍ଥିତିରେ ଆଇନ ଉଲ୍ଲଂଘନ ସହ ମାତ୍ରାଧିକ ଜୋର ଶବ୍ଦରେ ଡିଜେ ବଜାଯାଇଥିଲା। ପୋଲିସ କିମ୍ବା ଜିଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ନ ଡରି ବିଭିନ୍ନ କ୍ଲବର ସଦସ୍ୟମାନେ ବଡ଼ ବଡ଼ ଗାଡ଼ିରେ ବିକଟାଳ ଶବ୍ଦରେ ଡିଜେ ବଜାଇ ଶୋଭାଯାତ୍ରା ନାମରେ ରାସ୍ତା ଅବରୋଧ କରିଥିଲେ। ଫଳରେ ସାଧାରଣ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହିତ ଆମ୍ବୁଲାନ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ସେବାରେ ଜଡ଼ିତ ଗାଡ଼ି ଯିବା ସମ୍ଭବ ହୋଇ ପାରି ନ ଥିଲା। ଆଗାମୀ ଦିନର ପାର୍ବଣ ଋତୁରେ ଏଭଳି ଅବ୍ୟବସ୍ଥା ବନ୍ଦ ହେବା ଉପରେ ସମସ୍ତେ ଜିଲାପାଳଙ୍କ ନିକଟରେ ଯୁକ୍ତି ଦର୍ଶାଇଥିଲେ। ଏଥିସହିତ ଆଇନ ଉଲ୍ଲଂଘନକାରୀ କ୍ଲବର କର୍ମକର୍ତ୍ତା ଓ ସଦସ୍ୟଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ଜଣାଇଥିଲେ। ଏହି ଅବସରରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ରଘୁନାଥ ଲେଙ୍କା, ସତ୍ୟରଞ୍ଜନ ଦେ, ଅନ୍ତର୍ଯ୍ୟାମୀ ପ୍ରଧାନ, ସନ୍ତୋଷ ସାହୁ, ମହମ୍ମଦ ଇକବାଲ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

କେନ୍ଦୁଝର,୨୫।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ନୟାକୋଟ ଥାନା ଅନ୍ତର୍ଗତ ଭୂୟାଁ ଓ ଜୁଆଙ୍ଗ ପିଢ଼ ରେଞ୍ଜ ମରସୁଆଁ ମୁଣ୍ଡା ସାହିରେ ରବିବାର ରାତିରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ବିଳାସ ମୁଣ୍ଡା (୪୫)। ସେ ଘର ବାହାରେ ଛିଡ଼ା ହୋଇଥିବା ବେଳେ ଏକ ଗୋଠଛଡ଼ା ଦନ୍ତା ଆସି ତାଙ୍କୁ ଆକ୍ରମଣ କରିଥିଲା। ଅନ୍ଧାର ହୋଇଥିବାରୁ ସେ ଦେଖିପାରି ନ ଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଓ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ଆମରଣ ଅନଶନରେ କାରାଗାର କର୍ମଚାରୀ




ବାରିପଦା,୨୫।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ମହାସଂଘର ଡାକରା କ୍ରମେ ୫ଦଫା ଦାବି ନେଇ ମୟୂରଭଞ୍ଜ ଜିଲା କାରାଗାର କର୍ମଚାରୀମାନେ ସୋମବାରଠାରୁ ଆମରଣ ଅନଶନରେ ବସିଛନ୍ତି। ବାରିପଦାସ୍ଥିତ ମଣ୍ଡଳ କାରାଗାର ପରିସରରେ ଅନଶନ ଆରମ୍ଭ ହୋଇଛି। ଜେଲ କର୍ମଚାରୀଙ୍କ ମଧ୍ୟରେ କାରାରକ୍ଷୀଙ୍କ ଗ୍ରେଡ୍ ପେ' ୨୦୦୦ ଓ ମୁଖ୍ୟ କାରାରକ୍ଷୀଙ୍କ ୨୪୦୦ ଟଙ୍କାକୁ ବୃଦ୍ଧି, କାରାରକ୍ଷୀରୁ ମୁଖ୍ୟ କାରାରକ୍ଷୀ ପଦବୀ ପାଇଁ ବରିଷ୍ଠତା ଭିତ୍ତିରେ ପୁରୁଣା ପଦୋନ୍ନତି ନିୟମ ୨୦୧୨ ଲାଗୁ କରିବା, ଉପଖଣ୍ଡସ୍ତରକୁ ବଦଳି ନିୟମ ବନ୍ଦ କରିବା, ଖାଦ୍ୟ ଭତ୍ତା ୧୪୦୦ ଟଙ୍କାକୁ ବୃଦ୍ଧି, ସପ୍ତମ ବେତନ କମିଶନ ୨୦୧୭ ଅନୁଯାୟୀ ୧୩ ମାସିଆ ଦରମା ବୃଦ୍ଧି ଆଦି ଦାବି ପତ୍ରରେ ଉଲ୍ଲେଖ ରହିଛି। ଉକ୍ତ କର୍ମଚାରୀମାନେ ସେପ୍ଟେମ୍ବର ୧୩ରୁ ୨୪ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିଥିଲେ। ତେବେ ଦାବି ପୂରଣ ନ ହେବାରୁ ସୋମବାରଠାରୁ ଆମରଣ ଅନଶନରେ ବସିଥିବା ବାରିପଦା ମଣ୍ଡଳ ସଭାପତି ଜଗନ୍ନାଥ ବେହେରା ସୂଚନା ଦେଇଛନ୍ତି।

## ପୋଖରୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

ଘଟଗାଁ,(ରାଜେନ୍ଦ୍ର କୁମାର ପଟ୍ଟନାୟକ): ଘଟଗାଁ ଥାନା ଅଧୀନ ଉପରଡିହା ପଞ୍ଚାୟତର ପୋଇଜାମୁଳା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଗ୍ରାମର ପ୍ରଧାନ ମୁଣ୍ଡାଙ୍କ ପୁଅ ମୋତିଲାଲ ମୁଣ୍ଡା(୧୨)। ଦେହୁରୀପଶି ଆଶ୍ରମ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିଲେ। ସୋମବାର ସକାଳେ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରେ ପରିବାର ଲୋକେ ପୋଖରୀରୁ ଉଦ୍ଧାର କରି ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ସୋର, ୨୫।୯(ଜନ୍ମେଜୟ ମିଶ୍ର)–ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଭଅଁରା ଗ୍ରାମର ଅନୀଲ କୁମାର ନାୟକ(୨୦)ଙ୍କ ସାପ କାମୁଡାରେ ମୃତ୍ୟୁ ହୋଇଛି। ଅନୀଲ ସୋମବାର ମଧ୍ୟାହ୍ନରେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଗ୍ରାମବାସୀ ଏବଂ ତାଙ୍କ ସାନଭାଇ ତାଙ୍କୁ ଏକ ଘରୋଇ ଆମ୍ବୁଲାନ୍ସରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରୁଥିବା ବେଳେ ରାସ୍ତାରେ ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ ପୁଣି ସୋର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୧୫୯ ଅଭିଯୋଗ ଆଗତ

ଘସିପୁରା,୨୫।୯(ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍‌ରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅସୀତ କୁମାର ମହାନ୍ତିଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ୧୫୯ ଅଭିଯୋଗ ଦାଖଲ ହୋଇଥିଲା। ଜିଲାପାଳ ଆଶିଷ ଠାକ୍‌ରେ, ଆରକ୍ଷୀ ଅଧିକ୍ଷକ ନୀତିନ୍ କୁଶଲକର ଡଗଡୁ ଅଭିଯୋଗ ଉପରେ ନଜର ପକାଇଥିଲେ। ଆନନ୍ଦପୁର ଉପଜିଲାପାଳ ଅନୀଲ କୁମାର ସେଠୀ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ଜିଲା ତଥା ଉପଖଣ୍ଡର ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଡିଏମ୍‌ଏଫ୍ ସକ୍ଷମ ଯୋଜନାରେ ହିତାଧିକାରୀମାନଙ୍କୁ ଜିଲାପାଳଙ୍କ ଦ୍ୱାରା ମୋଟରାଇଜ୍‌ଡ ହ୍ୱିଲ ଚେୟାର୍ ବଣ୍ଟନ କରାଯାଇଥିଲା। ୬୦ ବର୍ଷରୁ ଊର୍ଦ୍ଧ୍ୱ ଖବରଦାତାଙ୍କୁ ୧୦ ହଜାର ଟଙ୍କା ପେନସନ୍ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖବରଦାତାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

ଚାନ୍ଦବାଲି,୨୫।୯(କିଶାନ ପାତ୍ର)– ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସିସ୍ଥିତ ଭାଜପା କାର୍ଯ୍ୟାଳୟରେ ସୋମବାର ଜନସଂଘର ପ୍ରତିଷ୍ଠାତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ଉପସଭାପତି କମଳାକାନ୍ତ ସୂତାର ଏଥିରେ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ସେ ଏକାଧାରାରେ ଜଣେ ଦାର୍ଶନିକ, ଅର୍ଥନୈତିକ, ବିଚକ୍ଷଣ ରାଜନୈତିଜ୍ଞ ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ନଗର ସଭାପତି ସରୋଜ ବଳ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପାଣି, କାହ୍ନୁ ବେହେରା, ସନ୍ତୋଷ ବାରିକ, ମୀନକେତନ ବିଶ୍ୱାଳ, ଶୀତ ମହାଳିକ, କର୍ଣ୍ଣ ବାରିକ, ଗୌରହରି ବାରିକ, ଗୌରହରି ରାଉତ, ବିଜୟ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ରାସ୍ତା ଦୁରବସ୍ଥା, ଧାରଣାରେ ସ୍କୁଲ ଛାତ୍ର

ବାସୁଦେବପୁର, ୨୫।୯
(ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲୁଙ୍ଗା ପଞ୍ଚାୟତର ମଉଜୁଡ଼ି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଦୁରବସ୍ଥା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏଥିସହ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସିବା ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏହାର ପ୍ରତିବାଦ ଓ ରାସ୍ତା ମରାମତି ଦାବିରେ ଶ୍ରୀଧର ଏକାଦଶୀ ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ସୋମବାର ଲୁଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ରାସ୍ତା ଖରାପ ଯୋଗୁ ସ୍କୁଲ ପିଲାମାନେ ଠିକ୍ ସମୟରେ ବିଦ୍ୟାଳୟରେ ପହଞ୍ଚି ପାରୁ ନ ଥିବା ସହ ଛୁଟି ହେଲେ ବହୁ ବିଳମ୍ବରେ ଘରେ ପହଞ୍ଚୁଛନ୍ତି। ଫଳରେ ସେମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଧାରଣାରତ ଛାତ୍ରମାନେ ଅଭିଯୋଗ କରିଛନ୍ତି। ସେମାନେ ଦୀର୍ଘ ସମୟ ଧରି ଧାରଣାରେ ବସିଥିବା ବେଳେ କୌଣସି ପଞ୍ଚାୟତ ଅଧିକାରୀ କିମ୍ବା ପ୍ରଶାସନିକ ଅଧିକାରୀ ସେମାନଙ୍କ ପାଖରେ ପହଞ୍ଚି ନ ଥିଲେ। ସୋମବାର ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିବା ବେଳେ ରାସ୍ତା ମରାମତି ପାଇଁ ସ୍କୁଲ ଛାତ୍ରମାନେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରାହ୍ନ ୪ଟା ପରେ ଛାତ୍ରମାନେ ଧାରଣାରୁ ଉଠିଥିଲେ।


ଛାତ୍ରମାନେ ଲୁଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

# ୬୦କି.ମି. ଚିଠି ଆସିବାକୁ ଲାଗିଲା ୨ମାସ ୫ ଦିନ

ଖଇରା, ୨୫।୯(ଉତ୍କଳବନ୍ଧୁ ପଣ୍ଡା)

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏକ ମାମଲାର ଫଇସଲା ପାଇଁ ଜିଲା ଅତିରିକ୍ତ ଜିଲାପାଳଙ୍କ ତରଫରୁ ଅଭିଯୋଗକାରୀଙ୍କୁ ମିଳିଥିବା ଚିଠିକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଚିଠିରେ ଅଭିଯୋଗକାରିଣୀ ଭାବେ ବାଲେଶ୍ୱର ଜିଲା ଖଇରା ବ୍ଲକ ସାରକୋଣା ପଞ୍ଚାୟତ ଅଧୀନ ଝିଙ୍କିରିଆ ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ନିଯୁକ୍ତିରୁ ବଞ୍ଚିତ ଥିବା ଆବେଦନକାରିଣୀ ସସ୍ମିତାରାଣୀ ଜେନାଙ୍କୁ ୨୦୨୩ ଅଗଷ୍ଟ ୧୭ରେ ହାଜର ହେବାକୁ ନିର୍ଦ୍ଦେଶ ରହିଥିଲା। ଜୁଲାଇ ୧୮ରେ ଅତିରିକ୍ତ ଜିଲାପାଳଙ୍କ ଦସ୍ତଖତ ଥିବା ଏହି ଚିଠି ପ୍ରେରଣ କରାଯାଇଥିଲା। ହେଲେ ସେପ୍ଟେମ୍ବର ୨୩ ତାରିଖରେ ସାରକୋଣା ପୋଷ୍ଟମାଷ୍ଟରଙ୍କ ନିକଟରୁ ଚିଠି ଅଭିଯୋଗକାରିଣୀଙ୍କ ହସ୍ତଗତ ହୋଇଛି। ଅର୍ଥାତ ସ୍ପିଡ୍‌ପୋଷ୍ଟରେ ଚିଠିଟି ବାଲେଶ୍ୱରରୁ ଖଇରା ୬୦କି.ମି. ଆସିବାକୁ ୨ମାସ ୫ଦିନ ସମୟ ନେଇଛି। ଉକ୍ତ ଚିଠିରେ ଅତିରିକ୍ତ ଜିଲାପାଳ ଯଥେଷ୍ଟ ପୂର୍ବରୁ ଚିଠି ଦେଇଥିବା ବେଳେ ଏମିତି କେମିତି ହେଲା ତାହା ସାଧାରଣ ଭାବେ ବୁଝାପଡୁନାହିଁ। ଅଭିଯୋଗ ଅନୁଯାୟୀ ଝିଙ୍କିରିଆ ଅଙ୍ଗନୱାଡି କେନ୍ଦ୍ର କର୍ମୀ ନିଯୁକ୍ତି ପାଇଁ ୨୦୧୮ରେ ଆବେଦନପତ୍ର ଆହ୍ୱାନ କରାଯାଇଥିଲା। ଏଥିରେ ସସ୍ମିତାରାଣୀ ଯୋଗ୍ୟତାରେ ୧ନଂ.ରେ ଥିବା ବେଳେ ତତ୍କାଳୀନ ସିଡିପିଓ ଗ୍ରାମ ବାହାରୁ ଅନ୍ୟ ଜଣେ ମହିଳାଙ୍କୁ ନିଯୁକ୍ତି ଦେଇଥିଲେ। ଏହା ପ୍ରତିବାଦରେ ସସ୍ମିତା ୨୦୧୯ରେ ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ହାଇକୋର୍ଟରେ ୫ବର୍ଷ ଧରି ବିଚାର(ଅପିଲ ନଂ. ୨/୧୯)ଚାଲିବା ପରେ ବିଚାରପତି ମାମଲାର ସମାଧାନ ଲାଗି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ସୁଧାକର ନାୟକଙ୍କୁ ଯୋଗାଯୋଗ କରିବାରେ ଅନିଚ୍ଛାକୃତ ବିଳମ୍ବ ପାଇଁ ମହିଳାଙ୍କୁ ଆଉଥରେ ଚିଠି କରାଯିବ ବୋଲି କହିଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଆଦେଶ କାର୍ଯ୍ୟକାରୀ ଦାବି


ସ୍କୁଲ ସମ୍ମୁଖରେ ଅଭିଭାବକମାନେ।

ଯୋଡ଼ା,୨୫।୯(ମାନସ ମହାନ୍ତି)

- ବିଦ୍ୟାଳୟ ଫାଟକ ଆଗରେ ଅଭିଭାବକଙ୍କ ବିକ୍ଷୋଭ
- ପୋଲିସ ସୁରକ୍ଷାରେ ଗଲେ ଶିକ୍ଷୟିତ୍ରୀ

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୧ ନଂ. ୱାର୍ଡର କମାରଯୋଡ଼ା ୟୁପିଏମ୍‌ଇ ବାଳିକା ସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ନୋଟିସ କାର୍ଯ୍ୟକାରୀ ଦାବିରେ ଅଭିଭାବକ ବିକ୍ଷୋଭ କରିଛନ୍ତି। ଏ ନେଇ ସୋମବାର କାଉନ୍‌ସିଲର ବରୁଣ ଆପଟଙ୍କ ନେତୃତ୍ୱରେ ବହୁ ଅଭିଭାବକ ସ୍କୁଲ୍‌ର ଗେଟ୍ ସମ୍ମୁଖରେ ବସି ରହିଥିଲେ। କାଉନ୍‌ସିଲର କହିଛନ୍ତି, ସ୍କୁଲରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଧ୍ୟୟନ କରନ୍ତି। କସ୍ତୁରବା ଗାନ୍ଧୀ ଓ ଆଦିବାସୀ ହରିଜନ ହଷ୍ଟେଲରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଅନ୍ତେବାସିନୀ ରହୁଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଦୁଇ ହଷ୍ଟେଲ ଦାୟିତ୍ୱରେ ଥିବା ବେଳେ ନିମ୍ନମାନର ଖାଦ୍ୟ ଦିଆଯିବା ସହିତ ମେନୁ ଅନୁଯାୟୀ ଖାଦ୍ୟ ଦିଆଯାଉନାହିଁ। ପରିଚଳନା କମିଟିକୁ ବେଖାତିର କରି ପ୍ରଧାନ ଶିକ୍ଷୟିତ୍ରୀ ମନ ଇଚ୍ଛା କାର୍ଯ୍ୟ କରୁଛନ୍ତି। ଏଥିସହ ଅନ୍ତେବାସିନୀ ଓ ଅଭିଭାବକଙ୍କୁ ଧମକ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଶିକ୍ଷା ବିଭାଗ ତଦନ୍ତ କରି ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି ନୋଟିସ ଜାରି କରିଥିଲେ। ମାତ୍ର ଏକ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲ ଛାଡୁନାହାନ୍ତି। ଯୋଡ଼ା ପୋଲିସ ପହଞ୍ଚି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍କୁଲ ମଧ୍ୟକୁ ନେଇଥିଲେ।

## ଏମ୍‌ପିସି କଲେଜରେ ଛାତ୍ର ଅଶାନ୍ତି

ବାରିପଦା,୨୫।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ(ଏମ୍‌ପିସି)ର ଜମି କେଳେଙ୍କାରୀ ମାମଲାକୁ ନେଇ ଛାତ୍ର ଅସନ୍ତୋଷ ତେଜିବାରେ ଲାଗିଛି। ଏ ନେଇ ସୋମବାର ଛାତ୍ରୀଛାତ୍ର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଘେରାଉ କରିବା ସହ ୧୯ ଦଫା ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ନାମରେ ଯେ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ନ ହୋଇଛି ସେ ପର୍ଯ୍ୟନ୍ତ ପ୍ଲାଟିନମ ଜୁବୁଲି ଉତ୍ସବକୁ ସ୍ଥଗିତ ରଖାଯିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଛାତ୍ର ସମାଜର ବିକ୍ରମ ମାରାଣ୍ଡି, ରମେଶ ରଞ୍ଜନ ପାତ୍ର, ସୁସ୍ମିତା ମାଝି, ସୁକାନ୍ତ ମୁର୍ମୁ, ଚୈତନ ହେମ୍ବ୍ରମ, ପ୍ରଭାସ କୁମାର ମାର୍ଣ୍ଡି, ଅର୍ଜୁନ ସୋରେନ, ମିନତୀ ହେମ୍ବ୍ରମ, ନବୀନ କୁମାର ମୁର୍ମୁ, ସୁକାନ୍ତି ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଉ ଏକ ଛାତ୍ର ଗୋଷ୍ଠୀ ମଧ୍ୟ ପ୍ଲାଟିନମ ଜୁବୁଲି ପାଳନକୁ ବିରୋଧ କରି ଅଧ୍ୟକ୍ଷ ଡ.ମୁକ୍ତିକାନ୍ତ ପଣ୍ଡାଙ୍କୁ ଦାବିପତ୍ର ଦେଇଛନ୍ତି। ଡ. ପଣ୍ଡା ଆସନ୍ତା ମଙ୍ଗଳବାର ଛାତ୍ରନେତାମାନଙ୍କୁ ଡାକି ଏ ସମ୍ପର୍କରେ ଆଲୋଚନା କରିବେ ବୋଲି କହିଛନ୍ତି।

## କୁଡୁମି ସେନାର ରାଜ୍ୟ କାର୍ଯ୍ୟକାରିଣୀ

ବେତନଟୀ,୨୫।୯(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀସ୍ଥିତ ବନ୍ଧନ କଲ୍ୟାଣ ମଣ୍ଡପଠାରେ କୁଡୁମି ସେନାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେନାର ରାଜ୍ୟ ସଭାପତି ଜୈମୁନି କୁମାର ମହାନ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ରାଜ୍ୟର ବହୁ କୁଡୁମି ନେତା ଯୋଗ ଦେଇଥିବା ବେଳେ ଓଡ଼ିଶାର ମୟୂରଭଞ୍ଜ, ଯାଜପୁର, କେନ୍ଦୁଝର ଓ ବାଲେଶ୍ୱର ଜିଲାର କୁଡୁମୀ ନେତାମାନେ ମଧ୍ୟ ଯୋଗ ଦେଇଥିଲେ। କୁଡୁମି ଜାତିକୁ ଆଦିବାସୀ ବର୍ଗରେ ପୁନଃ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ସର୍ଭେକୁ କୁଡୁମି ନେତାମାନେ ଏକ ପ୍ରହସନ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୁଡୁମି ସେନା ରାଜ୍ୟ ସାଧାରଣ ସମ୍ପାଦକ ବିବେକାନନ୍ଦ ମହାନ୍ତ, ଜୟକୃଷ୍ଣ ମହାନ୍ତ, ଉପସଭାପତି ଉପେନ୍ଦ୍ର ମହାନ୍ତ, ମହିଳା ସେନା ରାଜ୍ୟ ସଭାପତି ସୁଜାତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କୁଡୁମି ସେନାର କାର୍ଯ୍ୟକର୍ତ୍ତାମାନେ।

# ଟାଟା ଷ୍ଟିଲ ପକ୍ଷରୁ ଡେଙ୍ଗୁ ସଚେତନତା

ଯୋଡ଼ା,୨୫।୯(ମାନସ ମହାନ୍ତି)

ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ) ପକ୍ଷରୁ ଯୋଡ଼ା ମ୍ୟୁନିସିପାଲିଟି ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସଚେତନତା କରାଯାଇଛି। ଡେଙ୍ଗୁ ରୋଗର ଦମନ ଓ ନିରାକରଣ ବିଷୟରେ ଜଳହରୀ, ଜୁରୁ ଓ ଜଜାଙ୍ଗ ପଞ୍ଚାୟତ ଅଧୀନରେ ଥିବା ଗ୍ରାମରେ ମଶା ଧୂଆଁ ଦେବା, ଆଣ୍ଟି–ଲାର୍ଭା ସ୍ପ୍ରେ, ସାର୍ବଜନୀନ ଘୋଷଣା ଏବଂ ଡେଙ୍ଗୁକୁ ନେଇ କ'ଣ କରିବେ ଓ କ'ଣ କରିବେ ନାହିଁ– ସେ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସୂଚନା ଥିବା ଲିଫ୍‌ଲେଟ ବଣ୍ଟନ କରାଯାଇଥିଲା। ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ସହଯୋଗରେ ଟିମ୍ ଗଠନ କରାଯାଇ ସମସ୍ତ ଅଞ୍ଚଳ ସମୁଦାୟରେ ସମ୍ବେଦନଶୀଳ ସ୍ଥାନ ଓ ମଶା ବଂଶ ବୃଦ୍ଧି ସ୍ଥଳକୁ ଚିହ୍ନଟ କରାଯାଉଛି। ସାମାଜିକ ଦାୟିତ୍ୱବୋଧର ଅଂଶ ଭାବେ ଟିଏସ୍‌ଏଫ ପକ୍ଷରୁ ନିକଟରେ ୧୨,୦୦୦ ମଶାରୀ ଆଖପାଖ ବିଭିନ୍ନ ଗ୍ରାମରେ ବଣ୍ଟନ କରାଯାଇଛି।



ଟିଏସ୍‌ଏଫ୍ କର୍ମକର୍ତ୍ତା ଏବଂ ସ୍ଥାନୀୟ ଆଶା–ଅଙ୍ଗନୱାଡ଼ି କର୍ମୀ।

# ଆନ୍ଦୋଳନ ଚେତାବନୀ ଦେଲା ବିକାଶ ପରିଷଦ

ବୈଶିଙ୍ଗା,୨୫।୯(ରତନ ଦାଶ)

- ବୈଶିଙ୍ଗା ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ଦାବି
- ବିଧାନ ସଭାରେ ପ୍ରଶ୍ନ ଉଠାଇଲେ ବଡ଼ସାହି ବିଧାୟକ

ମୟୂରଭଞ୍ଜ ଜିଲା ବୈଶିଙ୍ଗାଠାରେ ଥିବା ପୁରାତନ ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ଦାବି ଜୋର ଧରିଛି। ଏନେଇ ବଡ଼ସାହି ବିଧାୟକ ସନାତନ ବିଜୁଳି ସୋମବାର ବିଧାନସଭାରେ ପ୍ରଶ୍ନ(ତାରକା ନଂ. ୫୪) ଉଠାଇଛନ୍ତି। ସେହିପରି ଆସନ୍ତା ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରିଲେ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଗତ ଏପ୍ରିଲ ମାସରେ ୫–ଟି ସଚିବଙ୍କ ଜିଲା ଗସ୍ତ ପରିପ୍ରେକ୍ଷୀରେ ଅଞ୍ଚଳବାସୀଙ୍କ ପକ୍ଷରୁ ଏନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିବର୍ତ୍ତେ ଏକ ଟ୍ରମା କେୟାର୍ ସେଣ୍ଟର ସ୍ଥାପନ କରାଯିବ ବୋଲି ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏକ ସ୍ଥିତି ଅନୁଧ୍ୟାନ ରିପୋର୍ଟ ମଧ୍ୟ ସରକାରଙ୍କୁ ପଠାଇ ସାରିଛନ୍ତି। ଏସବୁ ସତ୍ତ୍ୱେ ସରକାର ଏଥିପ୍ରତି ଆଖିବୁଜି ଦେଇଥିବା ଅଭିଯୋଗ କରିଛନ୍ତି ବିଧାୟକ। ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବୈଶିଙ୍ଗାରେ ଥିବା ଡାକ୍ତରଖାନା ପିଏଚ୍‌ସି ବର୍ଗର ନୁହେଁ ବରଂ ଏକ ଏରିଆ ହସ୍ପିଟାଲ। ଏରିଆ ହସ୍ପିଟାଲକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ କୌଣସି ବିଧି ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ଏଠାରେ ଟ୍ରମା କେୟାର୍ ସେଣ୍ଟର ସ୍ଥାପନ କରାଯାଇ ପାରିବ ନାହିଁ। ତେବେ ଏହାକୁ ୨୪x୭ ପିଏଚସିରେ ପରିଣତ କରିବାକୁ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଛି ବୋଲି ବିଧାନ ସଭାରେ ଉତ୍ତର ରଖିଥିବା ବିଧାୟକ ବିଜୁଳି କହିଛନ୍ତି।

# ରାଶନକାର୍ଡରେ ନାମ ସଂଯୋଗରେ ଦୁର୍ନୀତି ଅଭିଯୋଗ

## ଯୋଗାଣ ଅଧିକାରୀଙ୍କୁ ଘେରିଲେ ୬ ପଞ୍ଚାୟତର ମହିଳା

ବାହାନଗା, ୨୫।୯(ଅରୂପ୍ କୁମାର ଦାସ)

ରାଶନକାର୍ଡରେ ନାମ ସଂଯୋଗରେ ଚାଲିଛି ବ୍ୟାପକ ଦୁର୍ନୀତି। ରାଶନକାର୍ଡରେ ପିଲାଙ୍କ ନାମ ଯୋଡିବା ପାଇଁ ବର୍ଷ ବର୍ଷ ଅପେକ୍ଷା କରିବା ପରେ ଶେଷରେ ୬ ପଞ୍ଚାୟତର ମହିଳାମାନେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଯୋଗାଣ ଅଧିକାରୀଙ୍କୁ ଘେରିଥିଲେ। ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଭାତ ଖାଇବେ ମା' ଉପାସରେ ରହିବେ ଛୁଆ କହି ଶତାଧିକ ମହିଳା ଓ ପୁରୁଷ ଏମ୍‌ଆଇଙ୍କୁ ଘେରିଥିଲେ।

କିଏ ବର୍ଷେ ଓ କିଏ ୭ ମାସ ଧରି ନିଜର ରାଶନ କାର୍ଡରେ ଛୋଟ ପିଲା ଓ ନବ ବିବାହିତ ମହିଳାଙ୍କ ନାମ ଯୋଡିବା ନିମନ୍ତେ ବ୍ଲକ ଯୋଗାଣ ଅଧିକାରୀଙ୍କ ନିକଟକୁ ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ୍ୟ ଅଧିକାରୀ ନିରଞ୍ଜନ ସାହୁ ସାଇଟି ଖୋଲୁନାହିଁ କହି ଲୋକଙ୍କୁ ଭୂଆଁ ବୁଲାଉଛନ୍ତି। ଟଙ୍କା ନେଇ ନାମ ଯୋଡାଯାଉଥିବା ଲୋକେ ଜାଣିପାରି ସୋମବାର ମହିଳା ଓ ପୁରୁଷ ଏକଜୁଟ୍ ଘେରାଉ କରିଥିଲେ। ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିବା ସହିତ ଯୋଗାଣ ଅଧିକାରୀଙ୍କୁ ଦେଖି ଘେରାଉ କରିଥିଲେ। ଉତ୍ୟକ୍ତ ଲୋକଙ୍କୁ ବିଡିଓ ବୁଝାଶୁଝା କରିବା ସହିତ ତଦନ୍ତ ବାବଦରେ ପ୍ରତିଶ୍ରୁତି ଦେବା ପରେ ଯୋଗାଣ ଅଧିକାରୀଙ୍କୁ ଘେରିଥିବା ମହିଳାପୁରୁଷମାନେ ଶାନ୍ତ ପଡିଥିଲେ।

# ତହସିଲ କାର୍ଯ୍ୟାଳୟ ଆଗରେ ଭୂମିହୀନଙ୍କ ଗଣଧାରଣା

ଭୋଗରାଇ, ୨୫।୯(ପ୍ରଦୀପ ଦାସ)

ଭୂମିହୀନଙ୍କୁ ସରକାରୀ ଜାଗା ଚିହ୍ନଟ କରି ପଟ୍ଟା ଯୋଗାଇଦେବା ଦାବିରେ ଭୋଗରାଇ ବ୍ଲକ ତହସିଲ ସମ୍ମୁଖରେ ସୋମବାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନ ଦାସ ସେବା ପରିଷଦ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ସମ୍ପାଦିକା ଅପର୍ଣ୍ଣା ମହାପାତ୍ରଙ୍କ ନେତୃତ୍ୱରେ ୫୦ରୁ ଅଧିକ ଭୂମିହୀନମାନେ ସାମିଲ ଥିଲେ। ପରିଷଦ ସଦସ୍ୟ ସୁନୀଲ କୁମାର କର, ରାଜକୁମାର ଦାସ, ଡ. ଶ୍ରୀକୁମାର ଘୋଷ, ରାମହରି ସୁର ପ୍ରମୁଖ ନେତୃତ୍ୱ ନେଇଥିଲେ। ପରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୋଗରାଇ ଅତିରିକ୍ତ ତହସିଲଦାର ଗଦାଧର ସେଠୀଙ୍କୁ ପ୍ରଦାନ କରାଯାଇ ସାମୟିକ ଭାବେ ଧାରଣା ସ୍ଥଗିତ ରଖାଯାଇଥିଲା।

# ମତଦାତାଙ୍କ ଘରକୁ ଗଲେ ନବଜ୍ୟୋତି



କଂଗ୍ରେସ ନେତା ଓ କର୍ମୀମାନେ ଘରକୁ ଘର ବୁଲି ସଚେତନ କରୁଛନ୍ତି।

ବାଲେଶ୍ୱର, ୨୫।୯(ମାନସ ବିଶ୍ୱାଳ)

**'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ**

ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଛି 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ୧୫ ପର୍ଯ୍ୟନ୍ତ ସାରା ରାଜ୍ୟର ପ୍ରତି ପଞ୍ଚାୟତରେ ଆୟୋଜନ ହେବ। ଏହି ପରିପ୍ରେକ୍ଷୀରେ ରେମୁଣା ବ୍ଲକ କଂଗ୍ରେସ ସଭାପତି ତରୁଣ ଦାସଙ୍କ ଆବାହକତ୍ୱରେ ବରୁଣ ସିଂ ପଞ୍ଚାୟତ ମଣ୍ଡଗାଁରେ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଘରକୁ ଘର ଯାଇ କଂଗ୍ରେସ କିଭଳି ଅତୀତରେ ଲୋକଙ୍କୁ ବିଭିନ୍ନ ଯୋଜନା ଦେଇଥିଲା ଓ ବର୍ତ୍ତମାନର ବିଜେଡି ଓ ଭାଜପା ସରକାର ଯୋଜନା ଆଳରେ ଲୋକଙ୍କୁ ଠକୁଛନ୍ତି ତାହା ବୁଝାଇଥିଲେ। ପରେ ଜିଲା ସଭାପତି ସଞ୍ଜୀବ ଗିରିଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଆୟୋଜନ ହୋଇଥିଲା। ପିସିସି ସମ୍ପାଦକ ତଥା ଜିଲା ପର୍ଯ୍ୟବେକ୍ଷକ ସଂଗ୍ରାମ ଦାସ, ପିସିସି ସମ୍ପାଦକ ତଥା ଜିଲା ପର୍ଯ୍ୟବେକ୍ଷକ ମନୋଜ କୁମାର ବିଶ୍ୱାଳ, ପିସିସି ସମ୍ପାଦକ ଅର୍ଚ୍ଚନା ନନ୍ଦୀ, ରାଜେନ୍ଦ୍ର ନାଥ ଦାସ, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ତୁଷାର କାନ୍ତି ତପସ୍ୱି, ଅରୁଣ ଜେନା, ଶିବ ସାଗର ବାରିକ, ଦୟାନିଧି ମହାପାତ୍ର, ଅଚ୍ୟୁତ ପ୍ରସାଦ ନନ୍ଦ ପ୍ରମୁଖଙ୍କ ସମେତ ୩ ଶହ କର୍ମୀ ଘର ଘର ବୁଲି ଲୋକଙ୍କୁ ବୁଝାଇଥିଲେ। ଆୟୋଜିତ କର୍ମୀ ସମ୍ମିଳନୀରେ ମହାରାଜପୁରର ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ମହାପାତ୍ର କଂଗ୍ରେସ ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ଯୋଗ ଦେଇଥିଲେ।

# 'ଧୁଷୁରୀ, ଅଣ୍ଡରାଇରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ଯୋଜନା ନାହିଁ'

ଧାମନଗର, ୨୫।୯ (ଦେବେନ୍ଦ୍ର ଆନ୍ଦିଆ)

**ବିଧାୟକଙ୍କ ଦାବିକୁ ଏଡ଼ାଇ ଦେଲେ ସରକାର**

ଭଦ୍ରକ ଜିଲା ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଧୁଷୁରୀ ଓ ଅଣ୍ଡରାଇ ଛକଠାରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ଦାବିକୁ ରାଜ୍ୟ ସରକାର ଏଡ଼ାଇ ଦେଇଛନ୍ତି। ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସୋମବାର ବିଧାନସଭାରେ ପ୍ରଶ୍ନ ସଂଖ୍ୟା–୫୧ରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଯେ, ତାଙ୍କ ବିଧାନସଭା କ୍ଷେତ୍ରର ଆବଶ୍ୟକତା ଏବଂ ଧନଜୀବନ ସୁରକ୍ଷା ଦୃଷ୍ଟିରୁ ଧାମନଗର ବ୍ଲକର ଚଳଚଞ୍ଚଳ ଧୁଷୁରୀ ଓ ତିହିଡ଼ି ବ୍ଲକର ବୋଡ଼କ ଅଣ୍ଡରାଇଠାରେ ଦୁଇଟି ଦମକଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ପାଇଁ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ବିଧାୟକଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତି ବ୍ଲକରେ କେବଳ ଗୋଟିଏ ଦମକଳ କେନ୍ଦ୍ର କାର୍ଯ୍ୟ କରିବାର ନିୟମ ରହିଛି। ଏଣୁ ଦୁଇ ବ୍ଲକରେ ଦୁଇଟି ଦମକଳ କେନ୍ଦ୍ର ରହିଥିବାରୁ ଧୁଷୁରୀ ଏବଂ ଅଣ୍ଡରାଇଠାରେ ନୂଆ କେନ୍ଦ୍ର ପ୍ରତିଷ୍ଠା କରିବାର କୌଣସି ଯୋଜନା ନାହିଁ। ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଏହି ଉତ୍ତର ସାଧାରଣରେ ନୈରାଶ୍ୟ ସୃଷ୍ଟି କରିଛି। ଧାମନଗର ନିର୍ବାଚନମଣ୍ଡଳୀ ଏକ ବନ୍ୟା ପ୍ରଭାବିତ ଅଞ୍ଚଳ ସହ ଏହି ଅଞ୍ଚଳ ଦେଇ ଭଦ୍ରକ–ଆଖଣ୍ଡଳମଣି ରାଜ୍ୟ ରାଜପଥ ଭଳି ବ୍ୟସ୍ତବହୁଳ ସଡ଼କ ରହିଛି। ଧାମନଗରଠାରେ ଥିବା ଦମକଳ କେନ୍ଦ୍ର ବିସ୍ତୃତ ଅଞ୍ଚଳରେ ଅଗ୍ନିକାଣ୍ଡ ସାଙ୍ଗକୁ ବନ୍ୟା, ବାତ୍ୟା, ଦୁର୍ଘଟଣା ଆଦି କ୍ଷେତ୍ରରେ ତ୍ୱରିତ ସେବା ଯୋଗାଇ ଦେବା ଅନେକାଂଶରେ କଷ୍ଟକର ହୋଇପଡୁଛି। ଏଭଳି ସ୍ଥିତିରେ ଧୁଷୁରୀଠାରେ ଏକ ଦମକଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ଧରି ଦାବି କରି ଆସୁଛନ୍ତି। ଅଞ୍ଚଳବାସୀଙ୍କ ଦାବି ବିଧାୟକ ବିଧାନସଭାରେ ଉପସ୍ଥାପନ କରିଥିବା ବେଳେ ରାଜ୍ୟ ସରକାର ପ୍ରସଙ୍ଗକୁ ଏଡ଼ାଇ ଦେବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

